# ପିଲାଙ୍କ କଥା
# (ଜୁଆଙ୍ଗ)
## ତୃତୀୟ ଭାଗ



# ପିଲାଙ୍କ କଥା (ଜୁଆଙ୍ଗ)

## ତୃତୀୟ ଭାଗ

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**

ନିର୍ଦ୍ଦେଶକ
ପ୍ରଫେସର ଅଖିଳ ବିହାରୀ ଓତା

ପ୍ରସ୍ତୁତି
ଜୁଆଙ୍ଗ ସଂସାଧକ ମଣ୍ଡଳୀ
ଶ୍ରୀ ସୁଦର୍ଶନ ଜୁଆଙ୍ଗ
ଶ୍ରୀ କ୍ଷେତ୍ରବାସୀ ଜୁଆଙ୍ଗ
ଶ୍ରୀ ସୁଧାକର କୁଅଁର

ସଂଯୋଜନା
ଡ଼ଃ ପରମାନନ୍ଦ ପଟେଲ

ଅଳଙ୍କରଣ
ପ୍ରିୟରଞ୍ଜନ ବରାଳ

ପ୍ରକାଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

Director :
**Prof. (Dr.) A.B. Ota**

Prepared by :
**Juanga Resource Group**
**Sri Sudarsan Juang**
**Sri Khetrabasi Juang**
**Sri Sudhakar Kuanr**

Co-ordinator :
**Dr. Paramananda Patel**

Illustration :
**Priyaranjan Baral**

Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ ଜୁଆଙ୍ଗ ଭାଷାର ତୃତୀୟ ଭାଗରେ ସନ୍ନିବିଷ୍ଟ କାହାଣୀ ଗୁଡ଼ିକର ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# ମେରମ୍ ଟକା (ଛେଳିଆ ଟୋକା)

ମୁଇଁଣ୍ଟ ଗାଅଁତେ ମିନକ୍ ମେରମ୍ ଟକା ଆସିଆନା । ଆର ମେରମ୍ ସରାଏ ସରାଏତା ବଇଁସି ବଡିଆଁର ପେର୍‌କେ । ଯିଏ ଆରତେ ଜଏକେ । ଆରତେ ଗାମ୍‌କେକି ଆର ଯାଦୁ ସଚେକେ । ମେରମ୍ ବାଲା ଦିନମିଂଞ୍ଜ୍ ନଦୀତେ ବୁଲିନମାନା । ବାଲିତେ ମୁଇଁଣ୍ଟ ଗୁଲିଚିଆ କାରଙ୍ଗ୍ ଲଟପଟ ଇନମାନା । କାରଙ୍ଗଡ଼େ ଗାମ୍, "ଏ କା ଆଞ୍ଜ୍‌ତେ କୁଟିଜ୍ ଡାଗ୍‌ବ ଗଗ୍‌ଇଞ୍ଜ୍ ଆଗତେ ଆମା ଉପକାରରେ ଲାଗେନା ।" ଚେଳିଆ ଟକା ଡାଗ୍‌ବବ ଗଗ । ଆଉ କିଚି ଗଟାଙ୍ଗ୍ ଅନ ମୁଇଁଣ୍ଟ କାମୁଜ୍ ଚୁଟା ଇସେରାନା । କାମୁଜ୍‌ଡେ ଗାମ, "କାଆ ମାଣ୍ଡିବ ମଣ୍ଡେ ଆଞ୍ଜ୍‌ତେ ଗାତନିଞ୍ଜ୍‌ବ ଗଗେ । ଆଗତତେ ଆମା ଉପକାରତେ ଡେନା ।" ମେରମ୍ ବାଲା ଆରତେ କିଲଙ୍ଗ୍ ଗାତର୍‌ଡା ଗଗଜ ଉନ ଚେଳିଆ ଟୁକା ଯାଦୁ ସଚେକେ ବୋଲି ସବୁ ଲୁକକି ରାଜାତତ ଗାତାଅକି ।




ଗୋଟିଏ ଗାଁରେ ଜଣେ ଛେଳିଆ ଟୋକା ଥିଲା । ସେ ଛେଳି ଚରାଏ । ସେ ଛେଳି ପିଲାଙ୍କୁ ଛାଡ଼ି ଦେଇ ବଂଶୀ ବଜାଏ । ସେ ଭଲ ବଂଶୀ ବଜାଇପାରେ । ଯିଏ ତାହାକୁ ଦେଖୁଛନ୍ତି କହୁଛନ୍ତି ସେ ଯାଦୁ ଶିଖିଛି । ଦିନେ ଛେଳିଆ ଟୋକା ନଦୀ କୂଳରେ ବୁଲୁଥିଲା । ବାଲିରେ ଗୋଟିଏ ଚେଙ୍ଗମାଛ ଛଟପଟ ହେଉଥିଲା । ଚେଙ୍ଗ ମାଛ କହିଲା, ହେ ଭାଇ ମୋତେ ଟିକିଏ ପାଣିକୁ ନେଇଯାଅ । ମୁଁ ତୋର ଭବିଷ୍ୟତରେ କାମରେ ଲାଗିବି । ଛେଳିଆ ଟୋକା ତାକୁ ପାଣି ଭିତରେ ନେଇ ଛାଡ଼ିଦେଲା । ଆଉ କିଛିବାଟ ଗଲା । ଦେଖିଲା ଗୋଟିଏ ପିମ୍ପୁଡ଼ି ଛୋଟା ହୋଇ ପଡ଼ିଛି । ପିମ୍ପୁଡ଼ି କହିଲା ହେ ଭାଇ କୁଆଡେ  ଯାଉଛୁ ।

**ରାଜା ଆରତେ, "ଡାକେତେ କିନ" ବୁଲି ଗାମ ପରଜାକି ଆରତେ ଡ଼ାକେତେ ଅନକି । ରାଜା ଆସରବ ମେରମ୍‌ବାଲା ଅନ । ଅଚତା ରାଜା ଜିଂଙଁ, ଆମ୍ ଯାଦୁ ମେସଜ୍‌ସେକେ ? ମେରମ୍ ଟକା ଗାମ, "ଜେନା, ଆଞ୍ ଯାଦୁସସଜ୍ ଜେନା ।" ଆଞ୍ ଆମ୍‌ତେ ପରିକା କିବ୍‌କେ ଆମ୍ ଟିକ୍ ମିକିବେ ନାଲେ ଆମା ବକମମ୍‌ଣ୍ଡେ ସୁଂଏଁ । ମେରମ୍ ଟକା କାଲି ବେତଂ ମେସାର ଏନ୍ଦାରଆ ଜେଗ । ବକବ୍‌ଡ଼ ଆଉ କମ ଆଡିଂଞ୍ଜଁ । ବିରି କିମିବେ ? ରାଜା ଗାମ, "ଯଦି ଟିକ୍ ମିକିବେ ତାଲେ କଞ୍ଜୈଲାନିନ୍ତେ କାନିଆଁ ଡିଞ୍ଜଁମ୍ ।" ରାଜା ପରିକା କିବ । ମୁଇଁଣ୍ଟ କୁଞ୍ଜିଆତ ଡାଗବ୍ ତମ ଆଉ ଗାମ ଏରେ କୁଞ୍ଜିଆତରେ ଡଗରାଏ ଡାଏ । ମେରମ୍ ଟକା ଅନଜ ଡାକ୍ କାନ୍ତଆ ଆଲାଣ୍ଡେଅ ।**



ମୋତେ ଟିକିଏ ମୋ ଗାତ ପାଖକୁ ନେଇଯା । ମୁଁ ଭବିଷ୍ୟତରେ ତୋର କାମରେ ଲାଗିବି । ଛେଳିଆ ଟୋକା ତାକୁ ମଧ୍ୟ ନେଇ ତା ଗାତ ପାଖରେ ଛାଡ଼ିଦେଲା । ଛେଳିଆ ଟୋକା ଯାଦୁ ଶିଖିଛି ବୋଲି ସମସ୍ତେ ରାଜାଙ୍କ ପାଖରେ ଯାଇ କହିଲେ । ରାଜା ତାକୁ ଡକାଇଲେ । ପ୍ରଜାମାନେ ଛେଳିଆ ଟୋକାକୁ ଡାକି ରାଜାଙ୍କ ପାଖକୁ ନେଇଗଲେ । ରାଜା ଛେଳିଆ ଟୋକାକୁ ପଚାରିଲେ ତୁ କି ଯାଦୁ ଶିଖିଛୁ । ଛେଳିଆ ଟୋକା କହିଲା ମୁଁ କିଛି ଯାଦୁ ଶିଖିନାହିଁ । ରାଜା କହିଲେ ମୁଁ ତୋତେ ପରୀକ୍ଷା କରିବି । ତୁ ଠିକ୍ କରି କହିବୁ ନହେଲେ ତୋ ମୁଣ୍ଡ କାଟ ହେବ । ଛେଳିଆ ଟୋକା ଖାଲି ଦିନ ରାତି କାନ୍ଦିଲା । ମୁଣ୍ଡ ଆଉ କାମକଲା ନାହିଁ । କ'ଣ କରିବ । ରାଜା କହିଲେ ଯଦି ଠିକ୍ କହିବୁ ତାହେଲେ ମୁଁ ମୋର ଝିଅକୁ ତୋତେ ବାହାଦେବି । ରାଜା ତାକୁ ପରୀକ୍ଷା କଲେ ।

ଏରେବେଳା ଗୁଳିଚିଆ କାରଙ୍ଗ୍ କୁଞ୍ଝଆତରେ ଅରେନ । କୁଞ୍ଝଆତରେ ମେରମ୍ ଟକା ଅରେନଜ ରାଜାତେ ଡିଂଙ୍ଗୁଁ । ରାଜା ଗାମ, "ଆଉଯେ ଆମ୍ ଯାଦୁ ମେସଜ୍‌ସେକେ ଜେନା ମେଗାମ୍‌କେ ।" ମେରମ୍ ଟକା ଗାମ୍, "ଜେନା ସସଜ୍ ।" ଆଉ ମୁଇଁଣ୍ଟତା ପରିକା ଇନି ପରିକାରେ ଟିକ୍ ମିକିବେ ନାଲେ ଆମା ବକମମ୍‌ଣ୍ଡେ ଡେଜେ । ଶୁରୁଷୁ ବାଟିମିଂଞ୍ଜ୍ ଗଗଜ ବଣଆଁ ବିର ଆଉ ଗାମ ଶୁରୁଷୁ ବାଟିମିଂଞ୍ଜ୍ ଯାକଜ୍ ମରେନ୍ । ମେରମ୍ ଟକା ଅନଜ ଜେଗ । କାମଜ୍ ଅନଜ ଗାମ୍, କାଆ ! ବିତେ ମେଜେକେ ଆମ୍ ଆଞ୍ଜ୍‌ତେ ଦିନମିଂଞ୍ଜ୍ ସାହାଜ ମିକିବ୍‌ସେର । ଆମ୍‌ତେ ଆଞ୍ଜ୍ ମିସିଂ ସାହାଜ କିମମ୍ । ଏରେ ଗାମଜ କାମଜ୍ ଜିଂଅ, "ବିରି ଇଆନା ଗାତାଏ ।" ମେରମ୍ ଟକା ଗାମ୍, "ରାଜା ବଣଆ ଶୁରୁଷୁ ଗଗଜ ବିର୍‌ଚେକେ ।"



ଗୋଟିଏ ଚାବିକାଠିକୁ ପାଣିକୁ ଫୋପାଡ଼ି ଦେଇ କହିଲେ ଯାଆ ସେହି ଚାବିକାଠି ଖୋଜି ଆଣିବୁ । ଛେଳିଆ ଟୋକା ଯାଇ ପାଣିରେ ଖୋଜିଲା । ସେତେବେଳେ ଚେଙ୍ଗ ମାଛଟା ଚାବି କାଠିଟା ଆଣି ଛେଳିଆ ଟୋକାକୁ ଦେଇଦେଲା । ଛେଳିଆ ଟୋକା କହିଲା ନାହିଁ ମୁଁ ଯାଦୁ ଶିଖିନାହିଁ । ରାଜା ଆଉ ଗୋଟିଏ ପରୀକ୍ଷା କଲେ । କହିଲେ ଏଇଟା ଠିକ୍ କରିବ ନହେଲେ ତୋ ମୁଣ୍ଡ କଟାହେବ । ସୋରିଷ ମାଣେ ନେଇ ଜଙ୍ଗଲରେ ବୁଣିଦେଲେ । ଆଉ କହିଲେ ସୋରିଷ ମାଣକ ସାରା ଆଣିବୁ । ଛେଳିଆ ଟୋକା ଯାଇକରି କାନ୍ଦିଲା । ପିମ୍ପୁଡ଼ି ଯାଇ ପଚାରିଲା ଭାଇ, କ'ଣ ପାଇଁ କାନ୍ଦୁଛ ? ଛେଳିଆ ଟୋକା କହିଲା ରାଜା ସୋରିଷ ମାଣେ ନେଇ ବଣରେ ବୁଣିଛନ୍ତି । କହିଛନ୍ତି ସବୁଯାକ ଗୋଟାଇ ନେଇ ଦେବାକୁ ।

**ଏରେ ଶୁରୁଷୁରେକି ସାବରେଞ୍ଜ୍ ମିକୁଲାଏ ବିରି ମରେନ୍ । ନଲେ ରାଜା ଆଞ୍ଜାଁ ବକମିଞ୍ଜ୍ଣ୍ଡେ ସୁମୁଡେ । କାମଜ୍ ଗାମ୍, "ଏରେତେ ଚିନ୍ତା ମିକିବ୍‌କେ ଆଞ୍ଜ୍ ପରା ଆସିକେ ।" କାମଜ୍ ସଙ୍ଗ ସଙ୍ଗ ଜଲାରକିତେ ଡାକେଅ । ତାପରେ ଶୁରୁଷୁରେକି କୁଲାଅକି । ଶୁରୁଷୁ ଅରେନକିଜ ମେରମ୍ ଟକାତେ ଡିଂଞ୍ଜଁକି । ମେରମ୍ ଟକା ଅରେନଜ ଡିଂଞ୍ଜଁ । ରାଜା ଗାମ୍, "ଆମ୍ ଯାଦୁ ମେସଜ୍‌ସେକେ ଆଉ ଜେନା ମେଗାମ୍‌କେ । ରାଜା ସଙ୍ଗ ସଙ୍ଗ କଞ୍ଚେଲାଣ୍ଡତେ ମେରମ୍ ଟକା ସାଙ୍ଗରେ ବାହାଘର କିବ । ତା ପରେ ମେରମ୍ ଟକା ଇଞ୍ଜାଁବ ଡୁଙ୍ଅଁ ।**



ନହେଲେ ମୁଣ୍ଡ କାଟ ହେବ । ପିମ୍ପୁଡ଼ି କହିଲା, "ଭାଇ ଦିନେ ତୁ ମୋତେ ସାହାଯ୍ୟ କରିଥିଲୁ । ଆଜି ମୁଁ ତୋତେ ଏ ବିପଦରେ ସାହାଯ୍ୟ କରିବି । ତୁ ଏଥିପାଇଁ ଚିନ୍ତା କରନାହିଁ ।" ପିମ୍ପୁଡ଼ି ସଙ୍ଗେ ସଙ୍ଗେ ତାର ସାଙ୍ଗମାନଙ୍କୁ ଡାକିଆଣିଲା । ତାପରେ ସୋରିଷ ଗୁଡ଼ାକ ଗୋଟେଇ ଦେଇ ଆଣି ଛେଳିଆ ଟୋକାକୁ ଦେଲା । ଛେଳିଆ ଟୋକା ତାହା ଆଣି ରାଜାଙ୍କୁ ଦେଲା । ରାଜା କହିଲେ ତୁ ଯାଦୁ ଶିଖିଛୁ, ଆଉ ନାହିଁ କରୁଛୁ । ରାଜା ସଙ୍ଗେ ସଙ୍ଗେ ତା ଝିଅ ସହିତ ଛେଳିଆ ଟୋକାର ବାହାଘର କରାଇଦେଲେ । ତାପରେ ଛେଳିଆ ଟୋକା ରାଜାଝିଅ ସହିତ ନିଜ ଘରକୁ ଫେରିଲେ ।

# ସାନ କନନ୍ (ସାନପୁଅ)

ଇକୁଇସି ରାଇଜତେ ମୁଇଁଣ୍ଟ ସାଦବ ବୁଢ଼ା । ଆରା ଗାଣ୍ଡାମିଞ୍ଜ୍ କନନ୍‌ଡକି । ତିନିଜଣ କନନ୍‌ଡକି କମରେକି । ଆଉ ମିନଗ୍‌ତା ଉଲୁସୁଆ । ସମସ୍ତେ କାନିଁଆ ଅରେନ୍‌ଚେରେକି । ଏଲେ ଉଲୁସୁଆରେ ଅରେନ୍ ଜେନା । ଆରତେ କେଇ କାନିଁଆ ଆଡିଞ୍ଜ୍‌କିକି । ବିତେନା ଆର ଉଲୁସୁଆ ଏତେ । ଉଲୁସୁଆରେ ଦିନି ବଣବ ବୁଲିଅ । ଦିନମିଂଞ୍ଜ୍ ଆର ସାକଏ କନନ୍ ସବାନ୍ । ଏରେ ସାକଏ କନନ୍‌ଡେ କୁବାଅ । ଉଲୁସୁଆରେତେ ଆର କାଆ ଗାମ । ସାକଏରେ ଦିନମିଂଞ୍ଜ୍ କାକାରତେ କାନିଆଁ ଡଗରାଏ ଅନ । କାଇଁଆତେ ଆକୁଇଅ । କାକାର ଗାମ୍, "ଆମ୍ ଡାଏ ମୁଇଁଣ୍ଟତା ଗାଅଁବ ଅନା, ଏଲେ ପଚିମ ଦିଗବ ମନର । ସାକଏ ଦକ୍ଷିଣ ଦିଗବ ଅନ । ଜୟ ମୁଇଁଣ୍ଟ ପୁକୁରିବ ସାତ ବୁଣିକି ଉଆଡାଗ୍ ଡେଣ୍ଡେକି । ସାକଏ ସୁମୁସିଙ୍ଗ୍ ଆଲିଙ୍ଗା ଡାଜାନା ।



ଗୋଟିଏ ରାଜ୍ୟରେ ଜଣେ ସାଧବ ବୁଢା ଥିଲା । ତା'ର ଚାରୋଟି ପୁଅ । ତିନିପୁଅ କାମ କରନ୍ତି । ଆଉ ଜଣେ ଅଳସୁଆ । ସମସ୍ତେ ବାହା ହୋଇ ସାରିଛନ୍ତି । ହେଲେ ଅଳସୁଆ ବାହା ହୋଇନଥାଏ । ତାକୁ କେହି ଝିଅ ଦେଉ ନଥାନ୍ତି । ଅଳସୁଆ ପ୍ରତିଦିନ ବଣକୁ ବୁଲିବାକୁ ଯାଏ । ସେ ଦିନେ ମାଙ୍କଡ଼ ଛୁଆଟିଏ ଧରିଲା । ସେ ମାଙ୍କଡ଼ ଛୁଆ ବଡ଼ ହେଲା । ଅଳସୁଆକୁ ଭାଇ ବୋଲି ଡ଼ାକିଲା । ମାଙ୍କଡଟି ଦିନେ ତା ଭାଇ ପାଇଁ ଝିଅ ଖୋଜିବା ପାଇଁ ଗଲା । କୌଣସି ସ୍ଥାନରେ ମଧ୍ୟ ପାଇଲା ନାହିଁ । ତା ଭାଇ କହିଲା ତୁ ଆଉ ଗୋଟିଏ ଗାଆଁକୁ ଯାଆ । ହେଲେ ପଶ୍ଚିମ ଦିଗକୁ ଯିବୁନାହିଁ । ମାଙ୍କଡ଼ ଦକ୍ଷିଣ ଦିଗକୁ ଗଲା । ଦେଖିଲା ଯେ, ସାତ ଭଉଣୀ ପୋଖରୀକୁ ଗାଧୋଇ ଆସୁଛନ୍ତି । ମାଙ୍କଡ଼ ଗଛ ଉପରେ ଚଢ଼ିଗଲା । ସାତ ଭଉଣୀଙ୍କୁ ଦେଖି ଭାବିଲା କେଉଁଟା ମୋ ଭାଇ ପାଇଁ ମାନିବ । ମାଙ୍କଡ଼ ଘରକୁ ଫେରିଲା । ତା'ର ଭାଇ ପଚାରିଲା, ଝିଅ ପାଇଲୁ ।

ସାତ ବୁଣିକିତେ ଜୟଜ ଗାମ, ମାଣ୍ଡି କାକାଞ୍ଚ୍ତେ ସାମାଜେ । ସାକଏରେ ଗାମ ସାନରେ ଡିଅ ସାମାଜେ । ଏରେ ଦିନରା ସାକଏ ଇଞ୍ଚ୍ଆବ ଡୁଙ । କାକର ଜିଂଡଁ ମିକୁ୍ୟ । ସାକଏ ଗାମ୍, "ଅଏ କୁଇଅ । ଆମ୍ ମନଜ  ଅରେନ୍ ନାମା ରିମ୍ଡେ ଜେନା । ଆଞ୍ଚ୍ ମିନଗ୍ ଅଣ୍ଡେ । ସାକଏ ଅନଜ ମୁଇଁଣ୍ଟ ସୁମୁସିଙ୍ଆ ଡାଜାନ୍ । ସାତ ବୁଣିକି ଉଆଡାଗ୍ ଡେନକି । ଯେତେବେଲା କତେରକି ଉନାନ୍କିଜ ଉଆଗାନାକି । ଏରେବେଲା ସାକଏରେ ଡେନଜ ସାନ ଜୁଆଙ୍ଗ୍ ଡାଏରା କତେର ଗଗାନ୍ଜ ସୁମିସିଙ୍ଆଁ ଡକସେରେ । ସାତ ବୁଣିକି ଉଆଗାନ୍କି ଆରିଆନାକି । ସାବରେଞ୍ଚ୍ କତେରକି କୁୟାନ୍କି । ଏଲେ ସାନରେ ଆକୁଆନ୍ । ସାବରେଞ୍ଚ୍ ଡଗରାଅକି । କେଇ ଆକୁଇୟକି । ଅଚତା ଆଲିଙ୍ଗ୍ତା ସାକଏରେ କତେରେତେ ଉଡାଅ । ଏରେବେଲା ଜୟକି ଆଡ ଗାରାନ୍କି । ଗାମକି,

"ଆମ୍ତେ ଗାମ୍କେ ସାକଏ ବଲେଉଁତି
ଆଞ୍ଚ୍ଆଁ ପାଟଶାଢ଼ିରେ ଆନେଲେ ବଲେଉଁତି ।"



ମାଙ୍କଡ଼ କହିଲା, ହଁ, ପାଇଲି । ତା'ର ଭାଇ ସଙ୍ଗେ ସଙ୍ଗେ ତାକୁ ଖାଇବାକୁ ଦେଲା । ତା ପରଦିନ ଯିବା ବୋଲି କହିଲା । ମାଙ୍କଡ଼ ତା ଭାଇକୁ ଯିବା ପାଇଁ ମନାକଲା । କହିଲା ତୁ ଗଲେ ସେ ଝିଅକୁ ଆଣି ପାରିବା ନାହିଁ । ମୁଁ ଏକା ଯାଉଛି । ମାଙ୍କଡ଼ ଯାଇ ଗୋଟିଏ ଗଛ ଉପରେ ଚଢିଲା । ସାତ ଭଉଣୀ ଗାଧୋଇ ଆସିଲେ । ଯେତେବେଳେ ଲୁଗାଗୁଡ଼ିକ ରଖି ଗାଧୋଇଲେ, ସେତେବେଳେ ମାଙ୍କଡ଼ ଆସି ସାନ ଭଉଣୀର ଲୁଗାକୁ ଗଛ ଉପରକୁ ନେଇଗଲା । ସାତ ଭଉଣୀଯାକ ଗାଧୋଇ ସାରି ଆସିଲେ । ସମସ୍ତେ ତାଙ୍କର ଲୁଗା ପାଇଲେ । ହେଲେ ସାନ ଭଉଣୀ ତାର ଲୁଗା ପାଇଲା ନାହିଁ । ସମସ୍ତେ ଖୋଜିଲେ କେହି ପାଇଲେ ନାହିଁ । ପରେ ମାଙ୍କଡ଼ଟି ଉପରୁ ତା ଲୁଗାଟି ଉଡେଇଲା । ସେତେବେଳ ସେମାନେ ଦେଖିଲେ ଏବଂ ମାଗିଲେ । କହିଲେ-

"ତୁମକୁ ବୋଲଇ ମାଙ୍କଡ଼ ବଲେହୁଁତ
ମୋର ପାଟଶାଢ଼ୀ ଦିଅ ଗୋ ବଲେହୁଁତ ।"

ସାକଏ ଗାମ୍-

ଆମ୍‌ତେ ଗାମ୍‌କେ କୁଲିଲ ବଲେଉଁତି
ଆଞ୍ଜ୍ଆଁ କିନବ୍ କିନବ୍ ଡେନାଲ ବଲେଉଁତି
ଆମା ପାଟଶାଢ଼ି ଡିଞ୍ଜମ୍ ବଲେଉଁତି ।
ଏରେ ପୁଣିଂଣ୍ଡ ଗାମ୍‌ତା ଗାମ୍‌ତା ସାକଏ ଗଗ ।

ଜୁଆଙ୍ଗଡାଏରେ ଗାମ,-

ଆମ୍‌ତେ ଗାମ୍‌କେ ସାକଏ ବଲେଉଁତି
ଆଞ୍ଜ୍ଆଁ ପାଟଶାଢ଼ି ଆନେଲେ ବଲେଉଁତି
କାକାଞ୍ଜ୍ ଡେନଜ ଆମତେ ତୁମୁଞ୍ଜଁମ୍ ବଲେଉଁତି



ମାଙ୍କଡ଼ କହିଲା-

ତୁମକୁ ବୋଲଇ ଭାଉଜ ବଲେ ହୁଁ ତ
ମୋର ପଛେ ପଛେ ଆସ ଲୋ ବଲେହୁଁତ
ତୁମ ପାଟଶାଢ଼ୀ ମୁଁ ଦେବୀ ବଲେହୁଁତ ।
ଏହିପରି କହି କହି ମାଙ୍କଡ଼ ସାନ ଭଉଣୀକୁ ନେଇଗଲା ।

ଝିଅଟି କହିଲା-

ତୁମକୁ ବୋଲଇ ମାଙ୍କଡ଼ ବଲେହୁଁତ
ମୋର ପାଟଶାଢ଼ୀ ଦିଅ ଗୋ ବଲେହୁଁତ
ଭାଇ ଆସିଲେ ତୋତେ ବିନ୍ଧିବ ବଲେହୁଁତ

ସାକଏ ଗାମ୍-

ଆମ୍‌ତେ ଗାମ୍‌କେ ଜେମା ଲ ବଲେଉଁତି
କାକାମ୍ ଆଁଞ୍ଜ୍‌ତେ ବିରି କିମିବେ ବଲେଉଁତି
ଆମା ପାଟଶାଡ଼ି ଗଂଗ୍ଆଁ ଲ ବଲେଉଁତି
ଆଞ୍ଜ୍ଆଁ କିନବ୍ କିନବ୍ ଡେନାଲ ବଲେଉଁତି ।

ଏରେ ପୁଣିଂଣ୍ଡ ଗାମଜ ସାକଏ ଇଞ୍ଜାଆଁ ଆଉଚିଆନା । କାକାର ଗାମ ମରେନ । ସାକଏ ଗାମ୍ ଆଉରେ ଅରେନ୍ ଚେକେ । ମାର ମାର ବାଇଦବାଜଣ ଗଗକିଜ ବାଆଗର କିବକି ।




ମାଙ୍କଡ଼ କହିଲା-

ତୁମକୁ ବୋଲଇ ଜେମା ଗୋ ବଲେହୁଁତ
ମୋତେ ତୋ ଭାଇ କଣ କରିବ ବଲେହୁଁତ
ମୋର ପଛେ ପଛେ ଆସଗୋ ବଲେହୁଁତ

ସେହିପରି କହି ମାଙ୍କଡ଼ ଘରେ ପହଞ୍ଚିଲା । ତା ଭାଇ କହିଲା, "ଆଣିଛୁ ।" ମାଙ୍କଡ଼ କହିଲା, "ଏଇଟା ଆଣିଛି ।" ସଙ୍ଗେ ସଙ୍ଗେ ବାଜା ବଜେଇ ବାହା କରେଇ ଦେଲେ ।

# ସାକଏଆ ବୁଦି (ମାଙ୍କଡ଼ର ବୁଦ୍ଧି)

ଏକୁଇସି ରାଇଜ ମିଇଞ୍ଜିତେ ବୁଢାରା ମୁଇଁଣ୍ଟ ପଣୁଆଁ କନନ୍ ଆସିକେ । ବୁଢା ବୁଢୀ ଆରକିଆ ଏକାନ୍ ଡେଡେଜ୍ ଅନକିଆ । ଅବାର ଏରେ ଦିନରା ତିରିତିଆ କିବ୍ଡେ । ଅବାରବ କନନ୍ଣ୍ଡବ ଉଜା କିକିବ୍ ଅନକିଆ । ଅବାର ଉଜା କିବ ବିରି କନନ୍ଣ୍ଡତେ ଗାମ, ବାବୁ ଉଲୁଗିନା । ଉଲୁଗିଆନ୍ ବଲତେ ଅବାର କନନ୍ଣ୍ଡତେ ସୁଂଙ । ଆରାକା ମୁଇଣ୍ଟ ସାକଏ ଆସିଆନ୍ । ସାକଏ ଜିଂଅଁ କାକାଞ୍ଜ୍ ମାଣ୍ଡା । ଅବାରଗାମ, "ଜେନା ବାବୁ ଡେଣ୍ଡେ ।" ଅଚତା ସାକଏ ଅନଜ ଜୟଜୁ ଡେଜ୍‌ଚେକେତେ । ଏକାନା ଅନଜ କାମଜ୍ କିତେ ଗାମ୍, "ଏ କାମଜ୍‌କି ! କାକାଞ୍ଜା ଇଞ୍ଜାମ୍ଡ ଆଡ଼ି ଆଡ଼ି ଏଗଗ୍ ସେରେ ଅରେନପେ, ନାଏଲେ, ଆପେତେ ସୁଳିଆ ପାଦାତେ ସୁଳି ଡିଞ୍ଜେ । ଅଚତାଅରେନକି, ସାକଏ ଏରେବେଲା କାକାରତେ ଜୁଲାଅ । ଅଚତା ମଣୁଷ କନନ୍‌ଚେତା ପାଏଅ । ଗାମ, "ଆଏ, ଆଏ ମେଗାମ୍‌କେ ।



ଗୋଟଏ ରାଜ୍ୟରେ ବୁଢା ଓ ବୁଢୀ ଦୁଇଜଣ ଥିଲେ । ତାଙ୍କର ଗୋଟିଏ ବୋଲି ପୋଢୁଆ ପୁଅ ଥିଲା । ବୁଢା ବୁଢୀ କମାଣ କାଟିଗଲେ । ବାପା ତାଙ୍କର ସେ ଦିନ ତୃତୀୟା ପୂଜା କରିବେ । ବାପା ପୁଅ ସହିତ ପୂଜା କରିବା ପାଇଁ ଗଲେ । ବାପା ତାଙ୍କର ପୂଜା କରିସାରି ପୁଅକୁ କହିଲେ, ପୁଅ ଆଣ୍ଠେଇକି ନମସ୍କାର କର । ପୁଅ ନମସ୍କାର କଲାବେଳେ ବାପା ପୁଅକୁ ହାଣିଦେଲେ । ସେହି ସମୟରେ ତାଙ୍କର ମାଙ୍କଡ଼ଟିଏ ଥାଏ । ମାଙ୍କଡ଼ ପଚାରିଲା, ବାପା ଭାଇ କାହିଁ ? ବାପା କହିଲେ ଭାଇ ପଛରେ ଆସୁଛି । ମାଙ୍କଡ଼ ଅନେଇ ଅନେଇ ଭାଇ ଆସିଲା ନାହିଁ । ମାଙ୍କଡ଼ ଯାଇ ଦେଖିଲା ଯେ ଭାଇ ତା'ର ହଣା ହୋଇ ପଡ଼ିଛି । ମାଙ୍କଡ଼ ଯାଇ ପିମ୍ପୁଡ଼ି ମାନଙ୍କୁ ଡାକି କହିଲା, ପିମ୍ପୁଡ଼ିମାନେ ଯିଏ ଆମ ଭାଇର ରକ୍ତ ନେଇଛ ସବୁ ଏକାଠି କରି ରଖ, ନ ହେଲେ ତମକୁ ସୁଳିଆ ପଦାରେ ଶୁଳି ଦିଆଯିବ ।

ଅବାଞ୍ଜ୍ ଡେଜ୍ ଚେର । ଆଞ୍ଜ୍ ଜୁଲାଏ ଜୁଲିଅଜ ମେବଞ୍ଚେସେକେ ।” ଅଚତା ଗାମ କୁ ବଣବ ବାଡୁଂଙେ, ଡୁଙକିଆ । ମୁଇଁଣ୍ଟ ମଚା ଆସିଆନ ଏରାତେ ଆରକିଆ ରଏଆନ୍ କିଆ । ସାକଏ ଗାମ, “କାଲେ ତଣ ବାଗଲାଏନା ।” ମୁଁଣିଷ କନନ୍‌ଗାମ, “ମାଣ୍ଡିଆ ଲାଲାଜ୍ ଅରେନେ ।” କାକାର ଅନଜ ଜୟକୁ ଏରା ମୁଇଁଣ୍ଟ କିଲଗ୍ ଆଶିକେ । ଆଞ୍ଜ୍ ଆମାରିମଣ୍ଡେ ଜେନା । ସାକଏ ଗାମ, “କାଲେ ଆଞ୍ଜ୍‌ଅଣ୍ଡେ ।” ସାକଏ ଅନ ଜୟକୁ କିଲଗ୍ ଆସିକେ  ସାକଏ ଗାମ, “ବାଇକି ଆଡ଼ିକ ଏଆସିକେଜୁ ଲାଲାଜ୍ କୁଟିଜ୍ ଆନେଲେ ।” ଆଡ଼ିର ଏରେ ଆବ୍‌ତିତିଞ୍ଜ୍‌ମତି । ଏ ଆଜା ଲାଲାଜ୍ କୁଟିଜ ଆନେଲେ, ଆଡ଼ିର ଏରେ ଆଜାଏ ନମ୍‌ତି । ସାକଏ ଚଲେଆନ୍ ବିରି କିଲଗ୍‌ତେ ନିତା ଚାପଲ ଆଉତା ଚାପଲ ବାର ଲାଲାଜ୍ ଅରେନାନ୍ । କିଲକ୍ ଗାମ, “ଉଆଲେ, କାଆକି, ବକକି, ମୁଇଁଣ୍ଟ ସାକଏ ଡେନ୍ ବିରି ଲାଲାଜ୍ ଗଗାନ୍ ଆଞ୍ଜ୍‌ତ ଆମାରିମଣ୍ଡେ ଜଜଏ ।



ପିମ୍ପୁଡ଼ିମାନେ ରକ୍ତ ସବୁ ଆଣିଲେ । ରକ୍ତସବୁ ତା ଭାଇ ଦେହରେ ଦେବାରୁ ତା ଭାଇର ଚେତା ଫେରିଲା । ବଡ଼ ଭାଇ କହିଲା, “ଆଃ କେତେ କଷ୍ଟରେ ଚେତା ପାଇଲି ।” ମାଙ୍କଡ଼ କହିଲା, “ଚେତା ପାଇଲି କହୁଛୁ; ବାପା ତୋତେ ହାଣି ଦେଇଥିଲେ । ମୁଁ ତୋତେ ବଞ୍ଚେଇଛି । ଚାଲ୍ ଜଙ୍ଗଲକୁ ପଳେଇବା ।” ସେମାନେ ଜଙ୍ଗଲକୁ ପଳେଇଗଲେ । ଜଙ୍ଗଲରେ ଗୋଟିଏ ମଞ୍ଚା ଥିଲା । ସେ ମଞ୍ଚାରେ ସେମାନେ ରହିଲେ । ମାଙ୍କଡ଼ କହିଲା ନିଆଁ କେଉଁଠୁ ଆଣିବା ? ଦେଖିଲା ଯେ ଗୋଟିଏ ବଡ଼ ପାହାଡ଼ ପାଖରେ ନିଆଁ ଜଳୁଛି । ମଣିଷ ପିଲାଟି ଗଲା । ଦେଖିଲା ଯେ ନିଆଁ ପାଖରେ ବାଘ ବସିଛି । ସେ ଫେରିଆସିଲା । ମାଙ୍କଡ଼କୁ କହିଲା ଯେ ସେଠାରେ ବାଘ ବସିଛି । ମାଙ୍କଡ଼ ସେଠାକୁ ନିଆଁ ପାଇଁ ଗଲା । ଯାଇ ବାଘକୁ କହିଲା, ଭାଇ ନିଆଁ ଟିକେ ଦେଲ । କିଏରେ ସେଟା ମଖେଇ ଦେବିଟି ।

ଆର ଦିନତେ ମୁଇଁନ୍ତା ଡିଅ କିଲଗ୍ ଡେନ । ସାକଏ, ଏରେ ଗାମ୍, "ଏକା ଲାଲାଜ୍ କୁଟିଜ୍ ଆନେ । ଆଡ଼ିର ଏରେ ଆବକାକାନମ୍ତି ।" ଏରେ ନୁଣିଜ୍ଡ ଗାମ୍, "ଅନବିରି ଆରତେ ଚାପଲ ମିଞ୍ଜ୍ବାର ବିରି ଲାଲାଜ୍ ଗଗାନ୍ କିଲକ୍ ଟିକାଏ ସେର ଅଚତା ଡେନକି ବିରି ଗାତାଅ ।" ମିଟିକାଅ । ଅଏ ଟିକାଅ । ମାଣ୍ଡିତା ଅନ । ତାର ଦିନ ଅନକି ପାରିଦି, ଅନକି, ମୁଇଁଣ୍ଟ ମଟା ଆସିଆନ୍ ଏରା ବାସା କିବ୍ସିରି କିଆ । କିଲଗ୍କି ଗାମକି, "ଏ ସାକଏ ଆମ୍ତେ ନିତୁଞ୍ଜୁଁମ୍ ।" ସାକଏ ଗାମ୍, "ଏ କିଲଗ୍ ଆପେ ଇତୁଞ୍ଜଁଜ୍ ଇଞ୍ଜାମ ଲାମାଟାଂଆଁ । ଆପେ ସୁମୁସିଞ୍ଜ୍ତେ ଡେଜ୍ପେ । ଯିନ୍ତି ସୁମୁବ୍ଞ୍ଜ୍ ଡେଜକି ଏରେବେଲା ସାକଏ ଆଉ ସୁମୁସି ନି ସୁମୁସିଞ୍ଜ୍ ଡେଗେଅକିଆ । ଏରେନୁଣିଂଡ଼ ଉପ୍ତିର୍ ଉମ୍ତିରସୁନ୍ ଡୁଂଙକିଆ । ଆରକି ଆରିମାନ୍କି ଆବ୍ଗଜ୍ ।



ଏ ବଡୁ ନିଆଁଟିକେ ଦିଏରେ । କିଏରେ ସେଟା ଚିଅଁ କରେଇ ଦେବିଟି । ଏମିତି କହି ମାଙ୍କଡ଼ ନିଆଁ ଆଣି ଆସିଲା । ବାଘ କହିଲା, ଏ ଭାଇମାନେ ଆଜି ଗୋଟିଏ ମାଙ୍କଡ଼ ଆସି ଡରେଇ ଦେଇ ନିଆଁ ନେଇ ଚାଲିଗଲା । ମାଙ୍କଡ଼ ସେମିତି ନିଆଁ ନେଇଗଲା । ବାଘମାନେ ଆସି କହିଲେ । ଚିଲେଇକି ରଖିଲୁ ନାହିଁ ? ହଁ ଆଜି ରଖିବି । ତା ଆରଦିନ ପାରଧି ଗଲେ । ଗୋଟିଏ ମଞ୍ଚା ବାନ୍ଧି ରହିଥାନ୍ତି । ବାଘ କହିଲେ, ଏ ମାଙ୍କଡ଼ ଆଜି ତୁମକୁ ମାରିଖାଇବୁ । ମାଙ୍କଡ଼ କହିଲା, ତୁମେ ଗଛଟିକୁ କାଟିଦିଅ । ଗଛଟି ତଳେ ପଡ଼ିଯିବ । ଆମେ ତଳେ ପଡ଼ିଯିବୁ । ତୁମେ ଆମକୁ ଖାଇବ । ବାଘମାନେ ଗଛ କାଟିଲେ । ଗଛ ତଳେ ପଡ଼ିଲାବେଳେ ମାଙ୍କଡ଼ ଡେଇଁ ଡେଇଁ ପଳେଇଲା ବାଘମାନେ ଖାଇପାରିଲେ ନାହିଁ ।

# ରାଜାକନନ୍ ଆଉ ମୁନ୍ତ୍ରୀ କନନ୍ ଗାତା (ରାଜାପୁଅ ଓ ମନ୍ତ୍ରୀପୁଅ କଥା)

**ଇଲୁସି ରାଇଜ ମିଞ୍ଜ୍‌ତେ ରାଜା କନନ୍ ମନ୍ତ୍ରୀ କନନ ଆସିଆନ୍‌କିଆ । ଆର କିଆ ଇକୁଡିଆ ପାଟ ପଡେ ନମାନ୍ କିଆ । ଅର କିଆ ଦିନମିଞ୍ଜ୍ ବଣବ କନ୍ତେର୍ ତୁତୁଇଞ୍ଜ୍ ଅନକିଆ । ବୁଲି ବୁଲି ମୁଇଞ୍ଜ୍ ଆରିମାନ୍‌କିଆ ଅବ୍‌ଗଜ୍ । ଇଞ୍ଜାଁବ ଢୁଂଢକିଆ । ରାଜା ଇଞ୍ଜାଁରା ଟେଆଙ୍ଗ୍‌ତେରେ ବାସା କିବ୍‌ସେରାନ୍‌କି । ଆରକିଆ ମୁଇଁଣ୍ଟ ତୁଞ୍ଜକିଆ । ରାଜା କନନ୍‌ଡ ଆଉତା ନିଇତା ଗେଜାଂ ଗେଜିଂ କିକିମମାନ୍ । ରାଜାଗାମ୍, ସବୁଦିନତ ଆଗେଞ୍ଜକିକି ମିସିଇଞ୍ଜ୍ ବିଇତେ ଗେଞ୍ଜୋ କିକି ? ରାଜା ସମଦାୟେତେ ଡାକେଅ ବିରି ଜିଂଢ ।**



ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ତାଙ୍କର ଗୋଟିଏ ପୁଅ ଥିଲା । ତାଙ୍କର ମନ୍ତ୍ରୀଙ୍କର ମଧ୍ୟ ଗୋଟିଏ ପୁଅ ଥିଲା । ରାଜା ପୁଅ ଓ ମନ୍ତ୍ରୀ ପୁଅ ସାଙ୍ଗ ହୋଇ ପାଠ ପଢୁଥିଲେ । ସେମାନେ ଦିନେ ଚଢେଇ ମାରିବାକୁ ଜଙ୍ଗଲକୁ ଗଲେ । ବୁଲି ବୁଲି ଗୋଟିଏ ହେଲେ ବି ଚଢେଇ ମାରି ପାରିଲେ ନାହିଁ । ଘରକୁ ଫେରି ଆସିଲେ । ରାଜାଙ୍କ ଘର ଉପରେ ଗୋଟିଏ ଚଢେଇ ବସା କରିଥିଲା । ସେମାନେ ଗୋଟିଏ ଚଢେଇ ମାରିଥିଲେ । ରାଜାପୁଅ ଏପଟ ସେପଟ ଗେଞ୍ଜାଗେଞ୍ଜି କରୁଥିଲେ ।

ପିଲାଙ୍କ କଥା

**ରାଜାଗାମ୍ ଆଡ଼ିମିନ୍ଦି ଟେଆଙ୍ଗ୍‌ତେର୍‌ଜିମ୍‌କେ ? ପ୍ରଜାକି ଗାତାଅ କି, "ରାଜା କନନ୍ ମନ୍ତ୍ରୀ କନନବ ଜିମକିଆ ।" ଏତେ ରାଜା ମନ୍ତ୍ରୀ ଡେନକିଆ ବିରି କନନ୍‌ଡ କିଆତେ' ଡିନକିଆ । ଆରକିଆ ଦି ସେକାମ୍‌ତେ ଡିନକି । ରାଜା କନନ୍ ମୁର୍କ ଆସିକେ । ମନ୍ତ୍ରୀ କନନ୍ ଚାଲାକି ଆସିକେ । ଢୁଂଢକିଆ ବିରି ମୁଇଁଣ୍ଟ ଗାଁତେ ରଏ ଆନ୍‌କିଆ । ମନ୍ତ୍ରୀ କନନ୍ ଇସ୍କୁଲିତେ ପାଟ ପଡାଏଅ । ରାଜା କନନ୍ ମୂଲିଆ ଅନ । ରାଜା କନନ୍ ଡାକେସୁନ୍ ଅନ । ଆଡ଼ି ମୁଲିଆ ଇଉନା ? ଆଡ଼ି ମୁଲିଆ ଇଉନା ? ମୁଇଁଣ୍ଟ ତେଲି ଗାମ ଆଞ୍ଜ୍ । ତେଲିରେ ଗାମ କଦିଲ ଅଲାଗ୍ ତେରି ତଣ ମୁରେ ।**



ସବୁଦିନ ଗେଞ୍ଜାଗେଞ୍ଜି କରିବାର କିଛି ନା କିଛି ବାହାନା କରୁଥିଲେ । ଦିନେ ରାଜା ଉଆସର ସମସ୍ତଙ୍କୁ ଡାକି ପଚାରିଲେ ଚଢେଇ ସବୁ କିଏ ଖାଉଛି । ସେମାନେ କହିଲେ ରାଜାପୁଅ ଓ ମନ୍ତ୍ରୀପୁଅ ଚଢେଇ ମାରି ଖାଆନ୍ତି । ରାଜା ପୁଅକୁ ଘରୁ ବାହାର କରିଦେଲେ । ମନ୍ତ୍ରୀ ମଧ ତାଙ୍କ ପୁଅକୁ ବାହାର କରିଦେଲେ । ରାଜାପୁଅ ମୁର୍ଖ । ମନ୍ତ୍ରୀପୁଅ ଚାଲାକ୍ । କୁଡ଼ିଆ କରି ଗାଁରେ ରହିଲେ । ମନ୍ତ୍ରୀପୁଅ ସ୍କୁଲରେ ପାଠ ପଢ଼ିଲା ଓ ରାଜାପୁଅ ମୁଲିଆ ଲାଗିଲା । ରାଜାପୁଅ ଗାଆଁ ମଝିରେ ଡାକି ଡାକି ଗଲା ଯେ ପିଲା କାହାର ଦରକାର । ଶେଷରେ ଗୋଟିଏ ତେଲି ଡାକି କହିଲା ମୋର ପିଲା ଦରକାର । ରାଜାପୁଅ ଗଲା । ତେଲି କହିଲା କଦଳୀ ପତ୍ରରେ ଖାଇବୁ ନା ତେନ୍ତୁଳି ପତ୍ରରେ ଖାଇବୁ । ରାଜାପୁଅ କହିଲା ତେନ୍ତୁଳି ପତ୍ରରେ ଖାଇବି ଓ କାମ କରିବି ।

**ତିନ୍ତିଣି ଅଲାଗ୍ ତେରି । ରାଜା କନନ୍ ଗାମ, "ତିନ୍ତିଣି ଅଲାଗ୍‌ତେ ।" ତେଲି ଗାମ, "ଆମ୍ ମିଡୁଂଅଁଜ ଆମା ଚାକଣ୍ଡମିଞ୍ଜ୍ ଚାଲ ସେଜେ । ଯଦି ଆଞ୍ଜ୍ ଡିନେ' ଇଣିଞ୍ଜାଁ ଚାକଣ୍ଡମିଞ୍ଜ୍ ଚାଲ ମେସେଜେ, ମୁଇଁଣ୍ଟ ଅଲାଗ୍‌ତେ ତଣ ମୁରେ । ଅଚତା ଏରା ରଏଆନ୍ । ତିନ୍ତିଣି ଅଲାଗ୍‌ତେ ତଣ ଡିଞ୍ଜ ଆର ଆରିମାନ୍ ରଏ । ଆରା ଇଣିରତା ଚାକଣ୍ଡମିଞ୍ଜ ଚାଲ ସେଜ । ରାଜା କନନ୍ ଅନଜ ମନ୍ତ୍ରୀ କନନ୍ ସେକାମ୍‌ଡତେ ଗାତାଅ । ମନ୍ତ୍ରୀ କନନ୍ ସେକାମ୍‌ଡ ଡେନ ଏରାତେ ମୂଲିଆ ରଏଆନା । ଆର କୁଦିଲ ଅଲାଗ୍‌ତେ ତଣ ଉର । ବୁଡା ତେଲି ବେଡଂଆନା । କଞ୍ଜେଲାଣ୍ଡତେ ମନ୍ତ୍ରୀ କନନ୍‌ଣ୍ଡାବ ବାଆଗର୍ କିବ । ମନ୍ତ୍ରୀ କନନ୍ ବୁଦି ବଳବ ତେଲିଟେ ପାନମିଞ୍ଜ୍ ଡିଞ୍ଜ ।**



ତେନ୍ତୁଳି ପତ୍ରରେ ତ ! ରାଜାପୁଅ କହିଲା, ହଁ "ତେନ୍ତୁଳି ପତ୍ରରେ ।" ତେଲି କହିଲା, "ତୁମେ ପଳେଇଗଲେ ତୁମ ପିଠିରୁ ଚାଖଣ୍ଡେ ଚମଡ଼ା କାଟିଦେବି । ଆଉ ଯଦି ମୁଁ ଖେଦିବି / ଘଉଡ଼ାଇବି ତାହେଲେ ମୋ ପିଠିରୁ ଚାଖଣ୍ଡେ ଚମଡ଼ା କାଟିବ । ଗୋଟିଏ ପତ୍ରରେ ଭାତ ଖାଇବ ।" ତା' ପରେ ରାଜାପୁଅ ତେଲି ପାଖରେ ରହିଗଲା । ତେଲି ତେନ୍ତୁଳି ପତ୍ରରେ ଖାଇବାକୁ ଦେଲା ଓ ସେଠାରେ ସେ ରହିପାରିଲା ନାହିଁ । ତେଣୁ ତେଲି ତା' ପିଠିରୁ ଚାଖଣ୍ଡେ ଚମଡ଼ା କାଟିଲା । ରାଜା ପୁଅ ଯାଇ ମନ୍ତ୍ରୀ ପୁଅ ସଙ୍ଗାତକୁ ସବୁକଥା କହିଲା । ମନ୍ତ୍ରୀପୁଅ ସଙ୍ଗାତ ଆସି ସେଠାରେ ବଗାଳିଆ / ମୁଲିଆ / କୁଠିଆ ହୋଇ ରହିଲା । ସେ କଦଳୀ ପତ୍ରରେ ଭାତ ଖାଇଲା । ତେଲିବୁଢ଼ା ଏହା ଦେଖି ଡରିଗଲା । ନିଜ ଝିଅକୁ ମନ୍ତ୍ରୀ ପୁଅ ସହିତ ବାହାଘର କରିଦେଲା । ମନ୍ତ୍ରୀ ପୁଅ ବୁଦ୍ଧି ବଳରେ ତେଲିକୁ ପାନେ ଦେଲା ।

# ଚାଙ୍ଗୁଆ ଜନମ ଗାତା- (ବାଇ କୁଣ୍ଡଳ ଗାତା) ଚାଙ୍ଗୁର ଜନ୍ମକଥା

**ଆଗ କାଲଆ ଋଷି, ଋଷି ଆଣି କି ଆସିଆନ୍‌କି ଗୋନାସିକାତେ । ଏରାତେ ଆରକିତେ ଜାଗା ଆମେଲେଅ । ଋଷି ଚିନ୍ତାକିବ ଆରକିତେ ଅଲଗା ଇଞ୍ଜା ମୁଇଁଣ୍ଟ ନିଶିରେ । ନୂଆଁ ଇଞ୍ଜା ଉଆଲିରକି ରୟାନ୍‌କି । ଏରେ ଇଞ୍ଜା ରାତେ କନନ୍‌ଣ୍ଡକି, ଆରାକା ଆରାକା କଲେଜାନ୍‌କି ଋଷିଆ ଇଞ୍ଜାରବ ଡେନକି । ଋଷି ଚିନ୍ତାକିବ ଆରକିତେ ବିରି ଉପାୟ କିବଜ ଏରାତେ ରମଏନାକି । ଚାଙ୍ଗୁ ମୁଇଁଣ୍ଟ ବନାଅ, ଚାଙ୍ଗୁ ସୁଇଁଣ୍ଡ ବୁମୁଗ୍‌କି ସେଇ ବଳିଆ ଆପ୍‌ସଜ୍, ଏରେ ଦିନ ତାସୁନ୍ ଚାଙ୍ଗୁ ବୁଗକି ନାଟ କିଜକିଜ ରୟାନ୍‌କି । ଏରେ ବୁଗଜ୍ଜସମଦାୟ ବାଇ ଇଆନ୍‌କି । ଏତେ ଆରତେ ବାଇ କୁଣ୍ଡଳ ଗାମ୍‌କିକି । ଦୁକସୁକ ବାଣାରିକି ।**



ଆଗକାଳରେ ଋଷି ଓ ଋଷିଆଣି ଗୋନାସିକା ଅଞ୍ଚଳରେ ବାସ କରୁଥିଲେ । ତାଙ୍କର କିଛି ପୁଅ ଓ ଝିଅ ଥିଲେ । ସମସ୍ତେ ଗୋଟିଏ ଘରେ ରହିବାରୁ ଘରର ଜାଗା ରହିବା ପାଇଁ କମ୍ ହେଲା । ଋଷି ଚିନ୍ତା କଲେ ଏବଂ ସେହି ପାଖରେ ଆଉ ଗୋଟିଏ ଘର ତୋଳିବାକୁ ଇଛା କରି ଘରଟିଏ ତିଆର କଲେ । ପୁରୁଣା ଘରେ ଋଷି ଓ ଋଷିଆଣି ରହିଲେ ଏବଂ ନୂଆ ଘରେ ନିଜର ପିଲାମାନଙ୍କୁ ଶୋଇବା ପାଇଁ ପଠେଇଦେଲେ । ପିଲାମାନେ ସେହି ଘରେ ରହି ନିଜ ନିଜ ମଧ୍ୟରେ ଝଗଡା କରନ୍ତି ଓ ଋଷି ଋଷିଆଣି ପାଖକୁ କହିବାକୁ ଯାଆନ୍ତି । ଋଷିଙ୍କର ଶୋଇବାରେ ବ୍ୟାଘାତ ହେଲା । ସେ ଚିନ୍ତାକଲେ ପିଲାମାନଙ୍କୁ କିପରି ଶୃଙ୍ଖଳିତ କରି ରାତିରେ ଶୋଇପାରିବେ । ଏହାର କିଛି ଦିନ ପରେ ସେ ଗୋଟିଏ ଚାଙ୍ଗୁ ତିଆରି କଲେ ଓ ପିଲାମାନଙ୍କୁ ଦେଇଦେଲେ । ସେ ଚାଙ୍ଗୁକୁ ପାଇ ପିଲାମାନେ ରାତିରେ ବଜାଇଲେ ଓ ଝିଅମାନେ ନାଚିଲେ । ଏହାପରେ ସେମାନଙ୍କର କଳିଗୋଳ ବନ୍ଦ ହୋଇଗଲା ଓ ସମସ୍ତେ ସୁଖରେ ରହିଲେ ।

# ଶିଆଲ ବୁଦି ସଜ (ବିଲୁଆ ବୁଦ୍ଧି ଶିଖିଲା)


**ମୁଇଁଣ୍ଟ ବଣତେ ଅଳଂ ଆଉ ଶିଆଲ ସଙ୍ଗାତ ସବାନକିଆ । ଦିନମିଞ୍ଜ୍ ବୁଜି ଉରୁରୁତେ ଗାତାୟାନ୍‌କିଆ । ଅଳଂ ଗାମ, "ଆଞ୍ଜ୍ ସେଂକଏ ଆରେନେ" ଆଉ ଶିଆଲ ଗାମ, "ଆଞ୍ଜ୍ ରୁଂଙ୍କୁବ୍ ଅରେନେ ।" ଅନକିଆ ବାନଳଂ ଲୋକକି ଜୟକି ଆବୁଜ୍‌ତେ ଅନକି । ଶିଆଲ ଆଉ ଅଳଂ ଫେରେଅକିଆ । ତାପରେ ଶିଆଲ ଗାମ, "ଆଞ୍ଜ ସେଂକଏ ଅରେନ୍ ଆଉ ଅଳଂ ଗାମ, "ଆଞ୍ଜ୍ ରୁଂକୁବ୍ ଅରେନ୍ । ଶିଆଲ ମୁଇଁଣ୍ଟ ମାଟା ସେଂକଏ ଶବଜ ଅରେନ । ଅଳଂ ବି ରକୁବ୍ ଦାନ୍ତରବ ସାଡ଼ାଏ ଶୁନ୍ ଅରେନ । ବାନଳଂ ତଣ ଆଉ ଆଏଲା ଟିକ୍‌ଟାକ୍ କିବକିଆ । ଶିଆଲ ବଡ଼ ଚାଲାକ । ସମୁଦାୟ ଜିମେ ଗାମଜ ଅଳଂତେ ଚାଲାକ କିବ ।**



ଗୋଟିଏ ଜଙ୍ଗଲରେ ଗୋଟିଏ ଠେକୁଆ ଓ ଗୋଟିଏ ବିଲୁଆ ସଙ୍ଗାତ ବସିଥା'ନ୍ତି । ସେମାନେ ଦିନେ ଭୋଜି କରିବାକୁ ବିଚାର କଲେ । ଠେକୁଆ କୁକୁଡ଼ା ଆଣିବାକୁ ଗଲା ଓ ବିଲୁଆ ଚାଉଳ ଆଣିବାକୁ ଗଲା । ବିଲୁଆକୁ ଦେଖି ଲୋକମାନେ ମାରିବାକୁ ଗୋଡ଼ାଇବାରୁ ବିଲୁଆ ଓ ଠେକୁଆ ଫେରିଆସିଲେ । ଏହାପରେ ବିଲୁଆ କୁକୁଡ଼ା ଓ ଠେକୁଆ ଚାଉଳ ଆଣିବାର ଯୋଜନା କଲେ । ବିଲୁଆ ଗୋଟିଏ ଘରୁ କୁକୁଡ଼ା ଆଣି ଆସିଲା । ଠେକୁଆ ମଧ୍ୟ ଗୋଟିଏ ବିଲରୁ ଧାନ ଛଡ଼ାଇ ଚାଉଳ ଆଣିଲା । ଦୁଇଜଣ ଖାଦ୍ୟ ପ୍ରସ୍ତୁତ କଲେ ।

ପିଲାଙ୍କ କଥା

ଶିଆଳ ଗାମ, "ଆଞ୍ଜତେ ଆମ୍ ଆଗିଲା ତରେ, ଆମ୍‌ତେ ଅଚତା ତରେ ।" ଶିଆଳ ଗାମ, "ଯିଏ ଦାଉଲା ମବ୍‌ତେଜ୍ ଆର ତଣ ମୁରେ ।" ଆଗିଲା ଶିଆଳ ଅଳଂତେ ତର । ଡ଼ୀପରେ ଅଳଂ ଶିଆଳତେ ଜୁରୁ ତର । ଅଳଂ ମୁନିଆଁ ଦାନ୍ତରେବ ଦାଉଲାରେତେ ଅବ୍‌ତେଜ ତଣ ଉର । ଶିଆଳତେ ଜୁର୍ ଦାଉଲା ତର୍‌ଚେର ଏତେ କେଡ଼ାବ୍‌କେଜୁ ଆରିମ୍‌ମାନ୍ ଅବ୍‌ତେଜ୍ । ଶିଆଳ ତଡ଼ମାନ୍ ବିରି ରଏଆ । ଅଳଂ କୁସିରେ ତଣ ଉର । ଶିଆଳ ଗାମ, "ଆଞ୍ଜାଁ ପାଇଁ ଅଜ୍ଞ କୁଟିଜ୍ ଉନେ ।" ଆମ୍ ବେଶି ମୁରେ ବୋଲି ବୁଦ୍ଧି ମିକିବ । ଏରା ଦିରେ ଆମ୍‌ତେ ଆଞ୍ଜ୍ ଆଉନ୍‌କେନା । ସମୁଦାୟ ଉରଜ ଶେଷତେ ଶିଆଳତେ କାଜ । ଶିଆଳ ଲୁତୁର୍ ମୁଅଁ ଆଲାଣ୍ଡେ ଆନଜ୍ ଡୁଅଁ । ଶିଆଳ ବୁଦି ସଜ ।



ବିଲୁଆ ଚାଲାକ ଥିବାରୁ ସବୁ ଖାଦ୍ୟ ଖାଇବାର ମନସ୍ଥ କରି କହିଲା,ଜଣେ ଅନ୍ୟ ଜଣକୁ ବାନ୍ଧିଦେବ । ସେ ବନ୍ଧା ହୋଇଥିବା ଦଉଡ଼ି ଛିଣ୍ଡାଇ ଯଦି ଆସେ ତାହାଲେ ସେ ଭୋଜି ଖାଇବ । ପ୍ରଥମେ ବିଲୁଆ ଠେକୁଆକୁ ବାନ୍ଧିଦେଲା । ମାତ୍ର ଠେକୁଆ ତାର ମୁନିଆଁ ଦାନ୍ତରେ ଦଉଡ଼ି କାଟି ଆସି ଭୋଜି ଖାଇଲା । ଏହାପରେ ବିଲୁଆର ପାଳି ପଡ଼ିଲା । ଠେକୁଆ ବିଲୁଆକୁ ଜୋର୍‌ରେ ବାନ୍ଧିଦେଲା । ବିଲୁଆ ଦଉଡ଼ିକୁ କାମୁଡ଼ି ଛିଣ୍ଡାଇ ପାରିଲା ନାହିଁ । ତେଣୁ ବିଲୁଆ ବନ୍ଧା ହୋଇ ରହିଲା ଓ ଠେକୁଆ ମଜାରେ ସବୁ ଭୋଜି ଖାଇଲା । ତୁ ବେଶୀ ଖାଇବୁ ବୋଲି ଏପରି ଚିନ୍ତା କରିଥିବାରୁ ତତେ ମୁଁ କିଛି ଖାଇବାକୁଦେବି ନାହିଁ । ଭୋଜି ଶେଷରେ ଠେକୁଆ ଖୋଲିଦେଲା ।

# ବୁଲୁନା ଲ କନକ ରାଣୀ (ଉଠ କନକରାଣୀ)

ମୁଇଁଣ୍ଟ ରାଇଜଆ ସାଧବ ବୁଢ଼ା । ଆରା ସାତଗଟା କଞ୍ଚେଲାଣ୍ଡକି ଆସିଆନ୍‌କି । ଆରା କଞ୍ଚେଲାଣ୍ଡକତେ କେଇ କାଣ୍ଡାରିଆ ଆଡେନକି । ଶେଷରେ ସାନ କଞ୍ଚେଲାଣ୍ଡତେ କାଣ୍ଡାରିଆ ଡେନକି । ଡ଼ିଅର ଗାତା ଗିଡିଆନ୍‌କିଜ କାନିଆଁ ଗମଂଆଁକି । ତାପରେ ଆଉ ଚଅ ବଉଣୀ ଆରତେ ଅବ୍‌ଗଜ୍‌ତେ ଉପାୟ କିବକି । ବଣବ ଅନନ୍‌ତେ ଗାମକି । ବଣ ଗଟାଂ ଅଙ୍ଗନମାନ୍‌କି, ଏରାତେ ମୁଲୁସ କଞ୍ଚେଲାଣ୍ଡତେ ବାବୁଙ୍ଗ୍ କେଡ଼ାବ । ଆଉ ମୁଳଷ କଞ୍ଚେଲାଣ୍ଡକି ଆରତେ ଅରେନକିଜ ଇଞ୍ଜା ଉନକି । ଆର ଅଚେତ ଇଆନ୍‌ଯ ରଏସେରାନ୍ । ଆରଦିନ ବରଡେନ କାନିଆଁରାଏତେ ଡାକେପେ ଗାମକି । ଆରା ବୁଇର ଅନଜ ଉନୁକୁଳ ଡାକେଅ । ବୁଇର- 'ବୁଲୁନାଲ କନକ ରାଣୀ, ଉକନାଲ କନକ କାନିଆଁ କୁଳିତେ ।



ଗୋଟିଏ ରାଜ୍ୟରେ ସାଧବ ବୁଢ଼ା ଓ ତାର ସାତଟି ଝିଅ ଥାଆନ୍ତି । ସେ ଝିଅମାନଙ୍କର ବିବାହ ପାଇଁ କୌଣସି ବରପାତ୍ର ଆସିଲେ ନାହିଁ । ଶେଷରେ ସାନଝିଅର ବିବାହ ପାଇଁ ଗୋଟିଏ ବରପାତ୍ର ଆସିଲେ । ବାହାଘର ଦିନ ଧାର୍ଯ୍ୟ ହେଲା । ଏହାପରେ ଅନ୍ୟ ଛଅ ଭଉଣୀ ସେହି ସାନ ଭଉଣୀକୁ ମାରିବାର ଉପାୟ ଚିନ୍ତା କରି ଜଙ୍ଗଲକୁ ଯିବାକୁ କହିଲେ । ଜଙ୍ଗଲ ଯିବା ବାଟରେ ସେମାନେ ସାନ ଭଉଣୀକୁ ଗୋଟିଏ ହୁଙ୍କା ପାଖକୁ କୋଳି ତୋଳିବା ପାଇଁ ପଠେଇଲେ । ସେଠାରେ ଆଗରୁ ରହୁଥିବା ଗୋଟିଏ ସାପ ସାନ ଝିଅକୁ କାମୁଡ଼ିଦେଲା । ଅନ୍ୟ ଭଉଣୀମାନେ ଅଚେତ ଅବସ୍ଥାରେ ତାକୁ ଆଣି ଘରେ ରଖିଲେ । ପରଦିନ ବର ଆସିବା ପରେ ସେ କନ୍ୟାକୁ ଡକାଗଲା । ମାଆ ଯାଇ ପ୍ରଥମେ ଡାକିଲା- ଉଠଲୋ କନକ ରାଣୀ, ବସଲୋ କନକ ବେଦୀରେ ।

**ସାଦବ ଇଂଞ୍ଜାରା ବରଡେନ କାନିଆଁ ଗମନମ୍ ଆମ୍‌ତେ । କଞ୍ଚେଲାଣ୍ଡ,- "ବୁଲୁର୍ ଆରିମ୍‌ଡେ ବଇଁଜ୍ ଡ଼କ ଆରିମ୍‌ଡେ ବଇଁଜ୍ । ନନ୍‌ଚେର ସାତ ବଉଣୀ ଗଟାଂତେ ନକୟ ବାବୁଙ୍ଗ୍ ରାଣୀ କପାଲତେ ଜିବ । ଆରତେ ଆରିମାନ୍‌କି ବୁବ୍‌ଲୁର୍ । ଅଚତା ବର ଅଁନଜ ଜୟଜ୍ଞୁ କାନିଆରାଏତେ ବାବୁଙ୍ଗ୍ ବିଷ ଗାରେ ସେକେ । ବରଆ ଲୁକରକି ଚେରମୂଳି ଅଷ କାନିଆଁରାଏତେ ଡିଞ୍ଜକି । କାନିଆଁରାଏ ଡ଼ିଅ ଇଆନା । ବାହାଘର କୁରିଆନା । ଅଚତା କାନିଆଁରାଏ ସମୁଦାଏ ଆଜିର କିତେ ଡାକେଅ । ଡୁଡୁଙ୍ଗ୍‌ଡ଼ା ବଳରା ଆଜିରକିତେ ବାବୁଙ୍ଗ୍ ବିଷ ତଣ ଡିଡିଂଞ୍ଜ । ଆରକି ଉରକିଜ ଡୁଂଡକି । ସାନ ବକରାଏର କୁଇଁକାର୍‌ଡ଼ା ଇଞ୍ଜାରାତେ ଡ଼ିଅର ରଏଆନା ।**



ସାହାଡ଼ା ଘରର ପୁଅ ଆସିଛି ବିବାହ ହେବା ପାଇଁ । ଝିଅ କହିଲା- ଉଠି ନ ପାରଇ ମାଆ, ବସି ନ ପାରଇ । ଆମ୍ଭେ ଯାଇଥିଲୁ ସାତ ଭଉଣୀ, ବାଟରେ ପାଇଲୁ ସର୍ପ ରାଣୀ । ମଥାକୁ ମାଇଲା ଚୋଟ । ଏହାପରେ ଆଉ କେହି ଉଠାଇ ପାରିଲେ ନାହିଁ । ଶେଷରେ ବର ନିଜେ ଯାଇ ଦେଖିଲା ଯେ ଝିଅ ସର୍ପ ବିଷରେ ମରିବା ପ୍ରାୟ ପଡ଼ିରହିଛି । ବରପକ୍ଷ ଲୋକ ବିଷ ହରଣ ଚେର ଦେଲେ । କନ୍ୟା ଭଲ ହେଲା ଓ ବିବାହ ଶେଷ ହେଲା । ଏହାପରେ ସେ କନ୍ୟା ତା'ର ଭଉଣୀମାନଙ୍କୁ ନିଜର ପ୍ରତିଶୋଧ ନେବା ପାଇଁ ଡକେଇଲା । ନିଜର ଭଉଣୀମାନଙ୍କୁ ଘରକୁ ଫେରିବା ଦିନ ସାପ ବିଷ ଖୁଆ ପଠେଇ ଦେଲା । ସେହି ଛଅ ଭଉଣୀ ଫେରିବା ବାଟରେ ପଡ଼ି ବିଷଜ୍ୱାଳାରେ ମରିଗଲେ । ସାନ ଝିଅଟି ସୁଖରେ ଶ୍ୱଶୁର ଘରେ ରହିଲା ।

# ତୁପକ୍ ତାଲମିଞ୍ଜ୍ କୁଇଆନ୍ (ପେଚା ପାନେ ପାଇଲା)

ମୁଇଣ୍ଟ ଗାଅଁତେ ମୁଇଁଣ୍ଟ ବୁଢ଼ା ଆସିଆନା । ଆର କୁଟୁମର୍ ଆଉ କନନ୍ ବଲେଜ୍ ସବାନ୍ଜ ରଏନମାନ୍ । ଆର ବୁଗିଚାରାତେ ବାଇଗଣ, ଶିମ, କାଳାର୍, ମେଣ୍ଡାଶିଂଗ, ବାଇତାଲୁବ୍, ଶୁକୁଡାକ୍, ତାସ କିବ୍ ସେରାନା । ଏରେ ବଗିଚାରେବ ଦିନି ମୁଇଣ୍ଟ ତୁପଗ୍ ଡେନଜ ବାଇତାଲୁବ ଜିମିଞ୍ଜ୍କେ । ବୁଢ଼ା ଦିନମିଞ୍ଜ୍ ବିଚାର କିବ, ତୁପକ୍ତେ ଦିନମିଞ୍ଜ୍ ତାଲମିଂ ଡିମିଞ୍ଜ୍ ।



ଗୋଟିଏ ଗାଆଁରେ ଗୋଟିଏ ବୁଢା ଥିଲା । ତାର ସ୍ତ୍ରୀ ଓ ପିଲାମାନଙ୍କୁ ଧରି ସେ ଗାଆଁରେ ରହେ । ବୁଢା ବଗିଚାରେ ବିଭିନ୍ନ ପନିପରିବା ଯଥା ବାଇଗଣ, କଖାରୁ, ଲାଉ, ଭେଣ୍ଡି, ଶିମ୍ବ ଆଦି ଚାଷ କରିଥିଲା । ସେହି ବଗିଚାକୁ ସବୁଦିନ ଗୋଟିଏ ପେଚା ଆସେ । ସେ ବାଡ଼ିବଗିଚାର ସବୁ ପନିପରିବା ଖାଇଦିଏ । ଦିନେ ବୁଢା ବିଚାର କଲା ଆଜି ପେଚାକୁ ପାନେ ଦେବି । ସେ ବଗିଚାରୁ ଗୋଟିଏ ବୋଇତାଳୁ ଆଣିଲା ।

**ବଗିଚାତା ମୁଇଁଣ୍ଟ ବାଇତାଲୁବ୍ ଅରେନ, ଆରା ଆଲୁଂଣ୍ଡା ମିନ୍ଦିରେ ଆରିୟାୟଜ ଲାଲାଜ୍ ରାସଂ ଉସିଗଜ ବାସା୍ଜ୍ଡ଼ ଏରାତେ ଉନ୍‌ଟେର । କୁଦିଲ ଅଲାକ୍ ମୁଇଁଣ୍ଟ ଡାନ ଯିମିତି ତୁପକ୍ ଆରିମ୍‌ଢ଼େ ଜେନା କଂ କଂ । ତୁପକ୍ ଡେନ ଶୁକୁଡାକ୍ ସାମୁରାତେ ଡକଆନ୍ ଜିମେ ଗାମ । ତୁମୁଣୀର ଉସିଗ ଯିନ୍ତି ତୁମୁଣିର ଲାଲାଜ୍ କଲବ । ଏରେ ତାସୁନ୍ ଚୁପକ୍ ମେସାର୍‌ତେ ବୁଗିଚାରେବ ସରେତେ ଆଡେଣ୍ଡେ । ଏରେ ଦିନ ତାସୁନ୍ ତୁପକ୍ ତାଲମିଞ୍ଜ୍ କୁଇଆନ୍‌ଜ ମେସାର୍‌ତେ ଆଡେନ୍‌ତେ ।**



ଏହାପରେ ବୋଇତାଲୁ ଭିତର ଅଂଶ ଅତି ଯତ୍ନ ସହକାରେ ବାହାର କରିଦେଲା । ଘର ଭିତର ଚୁଲିରୁ ନିଆଁ ସେହି ବୋଇତାଲୁ ଭିତରେ ପୁରାଇ ରଖିଦେଲା । ଏହା ଉପରେ ଗୋଟିଏ କଦଳୀ ପତ୍ର ଘୋଡ଼ାଇ ରଖିଦେଲା ଯେମିତି ପେଚା ଜାଣିପାରିବ ନାହିଁ । ଏହାପରେ ପେଚା ଆସି କଖାରୁ ପାଖରେ ବସିଲା । କଖାରୁକୁ ଖାଇବ ବୋଲି ଥଣ୍ଟ ପୁରାଇବାରୁ ଥଣ୍ଟ ପୋଡ଼ିଗଲା । ଏହାପରେ ସେହିଦିନଠାରୁ ଦିନବେଳା ପେଚା ଆଉ ବଗିଚାକୁ ଆସେ ନାହିଁ ।


# ଶୁକୁରୁଆ ସପନ (ଶୁକ୍ରୁର ସ୍ୱପ୍ନ)

ମୁଇଁଣ୍ଟ ଗାଅଁତେ ମୁଇଁଣ୍ଟ କଙ୍ଗେର୍ ଆସିଆନା । ଆରା ନାଅଁର ଶୁକୁରୁ, ଆର ସୁବୁଦିନ ମେରମ୍ ସରାଏକେ । ଆରକା ଇଞ୍ଜାଁରାକା ଜେଉଁ ଜୀବଜୁନ୍ତୁରିକି ଆସିକିକି ଆରକି ବିରି କାମରେ ଲାଗେରେକି । ଦିନମିଞ୍ଜ୍ ଆର ବାବେ ବାବେ ଲେବେର ବଲଆ ସପନ ଜୟ । ଆର ଆଗିଲା ଅଳେଜ୍ ଆବଅନ । ଅଳେଜ୍ ଗାମ, "ଶୁକୁରୁ, ଆଁଞ୍ଜ୍ତେ ଆମା ଇଞ୍ଜାବ ଗଂଆ ଆମ୍ତେ ଆଂଞ୍ଜ୍ ସୁଗାଇ  ଉପକାର କିବେ ।" ଆଞ୍ଜ୍ ଆମ୍ତେ କିର ଡିଞ୍ଜମ୍ । ଆଞ୍ଜାଁ କନନିଣ୍ଡିକିବ ଆମ୍ ଜୁମିତେ ସିଲୁକ୍ ମିସିନା । ଅଚତା ମୁଇଁଣ୍ଟ ମେରମ୍ଆବ ଅନ । ମେରମ ଗାମ, "ଆଞ୍ଜ୍ତେ ଉନା ।"



ଗୋଟିଏ ଗାଆଁରେ ପିଲାଟିଏ ଥିଲା । ତାର ନାମ ଶୁକ୍ରୁ । ସେ ପ୍ରତିଦିନ ଛେଳି ଚରାଇବାକୁ ଯାଏ । ସେ ମନରେ ଭାବୁଥିଲା ଯେ ଘରେ ଯେଉଁ ଜୀବଜନ୍ତୁମାନେ ରହିଛନ୍ତି ସେମାନେ ସବୁ କୌଣସି କାମରେ ଲାଗନ୍ତି ନାହିଁ । ଦିନେ ଏକଥା ଭାବି ଭାବି ଶୋଇପଡ଼ିଲା ଓ ସ୍ୱପ୍ନ ଦେଖିଲା । ସେ ପ୍ରଥମେ ଗୋଟିଏ ଗାଇ ପାଖକୁ ଗଲା । ଗାଇ କହିଲା ଶୁକ୍ରୁ ତମେ ମୋତେ ତୁମ ଘରକୁ ନିଅ । ମୁଁ ତୁମର ବହୁତ ଉପକାର କରିବି । ମୁଁ ତୁମକୁ କ୍ଷୀର ଦେବି ଓ ମୋର ଛୁଆ ତୁମ ଜମିରେ ହଳ କରିବ । ଏହାପରେ ସେ ଗୋଟିଏ ଛେଳି ପାଖକୁ ଗଲା । ସେ କହିଲା ମୋତେ ରଖ ।

କୁବାଅଜ ଆଞ୍ଜ୍ତେ ମାପ୍ସଂଙ୍ଗା ବିରି ରୁଙ୍କୁବ୍ ମେସଂଙ୍ଗା । ଅଚତା ଶୁଆ କନ୍ତେରାବ ଅନ । ଶୁଆ ଗାମ, "ଆଞ୍ଜ୍ତେ ଆମ୍ ଉନା । ଆମା ସାଙ୍ଗେ ଆଞ୍ଜ୍ ଗାତାଏନା ।" ଆମ୍ତେ ମୁଇଣ୍ଟ ଗତାଗୀତି ସାଙ୍ଗ ମିକୁଇନା । ଅଚତା ସେଙ୍କଏଆବ ଅନ । ସେଙ୍କଏ ଗାମ, "ଆଞ୍ଜ୍ତେ ଆମ୍ ଉନା । ଆଞ୍ଜ୍ କୁବାୟଜ ଆମ୍ତେ ସୁସୁତେର୍ ଆଉ ଆଏଲା ଡିଞ୍ଜମ । ବୁନ୍ଦୁକି ଡେନ କିଜ ଆଞ୍ଜାଁ ଆଏଲା ମିଡ଼ିଞ୍ଜେଁ । ଆଞ୍ଜ୍ କେରାବାନଜ ସେକାଲ ଇଆନ୍ ବୋଲି ମକଂଏଁ । ଏରେବେଲା ମୁଇଁଣ୍ଟ ସେଙ୍କଏ କେକେରେ କେର୍ ଗାମ, ଶୁକୁରୁଆ ଲେବେରଡ଼ ବାଟୁଂଆନା । ବୁଇରତେ ଗାମ, "ନିଞ୍ଜାଁ ଇଞ୍ଜାଁ ପଶୁ କନ୍ତେର୍ଡିକି ସତ ଆସିକେକି, କେତେ ଉପକାର କିବ୍କେକି । ଏରେ ତାସୁନ ଶୁକୁରୁ ଇଞ୍ଜାଁବିତ ଉନାନ୍ଜ କୁସିରେ ଚଲେଅ ।



ବଡ଼ ହେଲେ ମତେ ବିକ୍ରି କରି ତୁମେ ଚାଉଳ କିଣି ପାରିବ । ଏହାପରେ ସେ ଶୁଆ ପାଖକୁ ଗଲା । ଶୁଆ କହିଲା ମୋତେ ନେଇ ରଖିଲେ ମୁଁ ତୁମ ସହିତ କଥା କହିପାରିବି । ତୁମକୁ ଗୋଟିଏ କଥାକୁହା ସାଙ୍ଗ ମିଳିଯିବ । ଏହାପରେ କୁକୁଡ଼ା ପାଖକୁ ଗଲା । ସେ କହିଲା, "ମୋତେ ତୁମେ ମାରି ମୋର ମାଂସ ଖାଉଛ । ବନ୍ଧୁ ଆସିଲେ ମୋର ମାଂସରେ ଅତିଥି ଚର୍ଚ୍ଚା କରୁଛ । ମୁଁ ରାବିଲେ ସକାଳ ପାହିଲା ବୋଲି ଜାଣୁଛ ।" ଏହି ସମୟରେ ଗୋଟିଏ କୁକୁଡ଼ା ରାବ ଦେଲା । ଶୁକ୍ରୁର ନିଦଭାଙ୍ଗିଗଲା । ସେ ତାର ମାଆକୁ କହିଲା ଆମ ଘରର ପଶୁପକ୍ଷୀ ସତେ କେତେ ଉପକାରୀ ?

# ଜୁଲାମୁଣି ଗାତା (ଝୁଲାମୁଣି କଥା)

ମୁଇଁଣ୍ଟ ରାଇଜଆ ଗୁରିବ ବାମଣ ଆସିଆନା । ଆରା କନନ୍‌ଡ, କୁଟୁମର ଆଉ କଞ୍ଚେଲାନ୍‌ଡ଼ ଚାରିଜଣ କୁଟୁମାଳି । ଗରିବ ବାମଣ ଦିନି ବିକ ଗାର୍‌ଡ଼େ । ଭିକ ଅରେନ୍‌କେ ବିରି ଆରା ପୁରିବାର ଚଳାଏକେ । ଦିନମିଞ୍ଜ୍ ଆଉମିନକ୍‌ତା ବାମଣ ଆରା ଇଂଞ୍ଜାଁରେବ ଡେନ । ଆରତେ ଗାମ୍, "ଆମ୍ ସଅରବ ମନ୍‌ତାନା କାମ ପାଇଟି ମିକିବାନ୍‌ଜ ପଇସା ପତ୍ର ସୁଗାଇ ମୁକୁଇନା ।" ଆଞ୍ଜାଁ ଗାତା ସମାବିରି ସଅରବ କମ କିକିବ୍ ଅନାଡାଏ । ଆରା କୁଟୁମରତେ ଗାମ, "ଆଞ୍ଜ୍ ତେରା ସଅର ଅନା । ଆଞ୍ଜା ଲାଗି ଗାଣ୍ଡାମିଂ ମଣ୍ଡା ଅଳାଗ୍ କିବେ ।" ଆରା କୁଟୁମର ସାଙ୍ଗେ ସାଙ୍ଗେ ବୁଆ କବ୍‌ସର ଢ଼େଙ୍କିତେ ଡୁଲୁଂଙ । ରକୁଂବ ଡୁଲୁଂଅଁଜ ଅଳାଗ୍ ବନାଅଁ ।



ଗୋଟିଏ ରାଜ୍ୟରେ ଗରିବ ବ୍ରାହ୍ମଣଟିଏ ଥାଏ । ଘରେ ପୁଅ, ସ୍ତ୍ରୀ ଓ ଝିଅ ଚାରିଜଣ ଗୋଟିଏ ପରିବାରରେ ଚଳୁଥିଲେ । ଗରିବ ବ୍ରାହ୍ମଣଟି ସବୁଦିନ ଭିକ୍ଷା ମାଗି ଆଣି ନିଜର ପରିବାର ଚଳାଉଥାଏ । ଦିନେ ଆଉ ଜଣେ ବ୍ରାହ୍ମଣ ସେଇ ବ୍ରାହ୍ମଣ ଘରକୁ ଆସିଲା । ତାକୁ କହିଲା ତୁମେ ସହର ଯାଇ କାମକଲେ ଭଲ ରୋଜଗାର କରିବ । ତୁମେ ଯାଅ ସହରରେ କାମ କରିବ । ସେହି ବ୍ରାହ୍ମଣଟିର କଥାମାନି ସେ ସହରକୁ ଯିବାକୁ ମନସ୍ଥ କଲା । ତା ସ୍ତ୍ରୀକୁ କହିଲା, "ମୁଁ କାଲି ସହରକୁ ଯିବି, ମୋ ପାଇଁ ଚାରିଗଣ୍ଡା ମଣ୍ଡାପିଠା ତିଆରି କରିଦେ । ତାର ସ୍ତ୍ରୀ ସଙ୍ଗେ ସଙ୍ଗେ ଧାନ ଶୁଖାଇ ଢିଙ୍କିରେ କୁଟିଲା । ତା ପରେ ଚାଉଳ ଭିଜାଇ ବାଟିକୁଟି ପିଠା ତିଆରି କଲା । ସକାଳ ହେଲା । ବ୍ରାହ୍ମଣଟି ପିଠାଧରି ପାଖ ସହରକୁ ଯିବାକୁ ବାହରିଲା ।

**ସେକାଲ ଇଆନା ବାମଣ ଅଲାଗ୍ ସବାନ୍ ଯ ଏକେଟା ସଅରବ ଆରିଆନା । ଅନ ଅନ ମୁଇଁଣ୍ଟୁ ବଲସୁମୁସିଞ୍ଜ୍ ତୁଲିତେ ଜିରାଏଆନା । ଆରତେ ତିଲାଜାନା । ଆର ବାବେଅ ମୁଇଁଟମଣ୍ଡା ଜିମେ ରି ସମନ୍ଦାଏ ଜିମେ । ଏରେ ବଲସୁମୁସିଞ୍ଜ୍ ଆଲିଂତା ଗାଣ୍ଡାମିଞ୍ଜ୍ ବୁତ ଆସିଆନ୍କି । ଆରକି ବାମଣଆ ବିଲିରତେ ଲଂସେକିକି । ଏରେ ବୁତରେକି ଗାମକି, "ଏ ବାମଣ ଏରେକି ନିଞ୍ଜ୍ତେ ଡିଞ୍ଜେଆନେ ଏରେକି ନିଜିମ୍କେ । ଏରେ ବଦଲରେ ଆମ୍ତେ ଜୁଲାମୁଣି ନିଡିଂଞ୍ଜମ୍ ।" ଏରେ ଜୁଲାମୁଣିତେ ଯାଆମେଗାନା ତା ଡିମିଞ୍ଜ୍ । ବାମଣ ବୁତକା ଗାତାର କିତେ ରାଜି ଇଆନା । ଆର ସମଦାୟ ଅଲାଗ୍ ଆରକିତେ ଡ଼ିଞ୍ଜ । ଜୁଲାମୁଣି ସବାନ୍ଜ ଇଞ୍ଜାଁବ ଡେନ । ଆର ଡେଙ୍ଗଡେଙ୍ଗର୍ ମୁଇଣ୍ଟ ଗାଆଁତେ ବୁଲୁ ଇୟାନ୍ ।**




ଯାଉ ଯାଉ ବାଟରେ ଗୋଟିଏ ବରଗଛ ମୂଳେ ବସିଲା । ଗରିବ ବ୍ରାହ୍ମଣକୁ ଭୋକ ଲାଗିଲା, ସେ ଭାବିଲା ଏକ ଗଣ୍ଡା ଖାଇବି ନା ସବୁଯାକ ଖାଇଦେବି । ସେହି ବରଗଛ ଉପରେ ଚାରୋଟି ଭୂତ ଥାଆନ୍ତି । ସେମାନେ ବ୍ରାହ୍ମଣର ଗତିବିଧି ସବୁ ଲକ୍ଷ୍ୟ କରୁଥାନ୍ତି । ସେହି ଭୂତମାନେ କହିଲେ- ହେ ବ୍ରାହ୍ମଣ, ସେ ପିଠାଗୁଡ଼ିକୁ ଆମକୁ ଦେଇଦେ । ଆମେ ସେଗୁଡ଼ିକ ଖାଇବୁ । ତା ବଦଳରେ ଆମେ ତୋତେ ଗୋଟିଏ ଝୁଲାମୁଣି ଦେବୁ । ସେ ମୁଣିକୁ ତୁ ଯାହା ମାଗିବୁ, ସେ ତାହା ଦେବ । ବ୍ରାହ୍ମଣ ଭୂତଙ୍କ କଥାରେ ରାଜି ହୋଇଗଲା । ସେ ସମସ୍ତ ପିଠା ସେମାନଙ୍କୁ ଦେଇ ଝୁଲାମୁଣିଟି ଧରି ଘରକୁ ଫେରିଲା । ସେ ଫେରିବା ବାଟରେ ଅନ୍ୟ ଗୋଟିଏ ଗାଁରେ ସନ୍ଧ୍ୟା ହୋଇଗଲା । ସେ ଗାଁର ନାଁ ହେଉଛି ଚବାଡିହା ।

ଏରେ ଗାଆଁରା ନାଅଁ ଚଲାଡିଆ । ଏରେ ଗାଅଁରା ମିନିଗ୍ ଦୁନି ଇଞ୍ଜାଁ ଆସିଆନା । ଆର ଏରେ ଇଞ୍ଜାରେବ ଅନନାନ୍‌ତେ ରାତି କଟାଏ ବିରି ସେକାଲ ଇଆନ୍‌ଜ ଅନା । ମନେ ମନେ ବାବେଅ । ରାତିଆ ତିଲାଜ୍ ଜାନ୍, ଏରେ ଜୁଲାମୁଣିତେ ତଣ ଗାରାନ୍ । ଜୁଲାମୁଣି ତଣ ଡିଞ୍ଜ । ଏରେ ଜୟଜ ଦୁନିଲୁକ ତାଟକା ଇଆନା । ଆର ସୁଇଣ୍ଡ ଜୁଲାମୁଣି କୁଇନା ବୁଲି ଯୋଜନା କିବ । ତଣ ଉର ବିରି ବାମଣ ଲେବେର । ଏରେବେଲା ଦୁନି ଲୁକରେ କନନ୍‌ଡବ୍ ବାମଣତେ ତରକିଆଜ ରାସେତାତେ ଗଡାଅକିଆ । ଆରା ଜୁଲାମୁଣିରେ ଗଗାନ୍‌କିଆ । ବାମଣ ମେକର୍‌ତା ଏରେ ବଲସୁମୁସିଞ୍ଜ୍ ମୂଳବ ଅନ । ବୁତ କିତେ ସମଦାୟ ଦୁକ ଜଣାୟାନ୍ । ଏରେ ଅଂଙକିଯ ଅମ୍ବାଟ ଜିନିଷ ଡିଞ୍ଜକି ।



ସେ ଗାଆଁରେ ଗୋଟିଏ ଧନୀଘର ଥାଏ । ସେ ସେହି ଘରକୁ ଯାଇ ତାଙ୍କ ଘରେ ରାତିଟି କଟାଇ, ସକାଳୁ ଘରକୁ ଯିବ ବୋଲି ମନରେ ଭାବି ସେଠାରେ ରାତିରେ ରହିଲା । ରାତିରେ ଭୋକ ହେବାରୁ ସେ ଝୁଲାମୁଣିକୁ ଭାତ ମାଗିଲା । ଝୁଲାମୁଣି ଭାତ ଦେଲା । ଏହା ଦେଖି ଧନୀ ଲୋକଟି ଆଶ୍ଚର୍ଯ୍ୟ ହୋଇଗଲା ଓ ସେହି ମୁଣିକୁ ପାଇବାକୁ ଇଚ୍ଛା କରି ସେ ଏକ ଯୋଜନା କଲା । ବ୍ରାହ୍ମଣଟି ଖାଇସାରି ଶୋଇପଡ଼ିବା ପରେ ଧନୀ ଲୋକ ଓ ତାର ପୁଅ ମିଶି ବ୍ରାହ୍ମଣକୁ ବାନ୍ଧି ରାସ୍ତାରେ ଗଡ଼ାଇ ଦେଲେ ଓ ଝୁଲାମୁଣିଟି ନେଇଗଲେ । ବ୍ରାହ୍ମଣ ପୁଣି ବରଗଛ ମୂଳକୁ ଗଲା ଓ ଭୂତମାନଙ୍କୁ ସବୁ ଦୁଃଖ କହିଲା ।

**ମୁଇଣ୍ଟ ଶଙ୍କ ଆଉ ମୁଇଣ୍ଟ ବାଡ଼ି ଡ଼ିଞ୍ଜାକି । ଶଙ୍କତେ ଟାଙ୍କା ମେଗାରାନ୍‌ଜ ଟାଂକା ଡିମିଞ୍ଜେଁ । ବାଡ଼ି ଚୁର ଲୁକତେ ମାବୁଜ୍ ଆର ପୁଣି ଏରେ ଦୁନି ଇଞ୍ଜାଁରାବ ଅନ । ଏରାତେ ରଏଆନା ଦୁନି ଲୁକ ପୁଣି ଅମ୍ବାଟ ଜିନିଷଗ ଗଗ୍‌ଡ଼ା ଦିରେ ଯୋଜନା କିବ । ରାତିଆ ଶଙ୍କ ଆଉ ବାଡ଼ିତେ ଚୁର କିକିବ୍‌ତେ ଅନ, ଏତେ ବାଡ଼ି ଆରକିତେ ଡେଗେ ଡେଗେତା ସୁଗାଇ ଆବୁଜ । ଆରକି ଗଗ୍‌ସେରାନ୍‌କି ଜୁଲାମୁଣି, ଶଙ୍କ ଆଉ ବାଡ଼ି ବାମଣତେ ପେରାଅକି । ବାମଣ ଏରେକିତେ ସବାନ୍ ବିରି ଇଞ୍ଜାବ ପେରେଅ । ଦୁନି ଇଆନ୍‌ୟ କୁସିରେ ଚଲେଅ । ଏରେ ଦିନ ତାସୁ ବାମଣ ବିକ ଗାଗାର୍ ସାଡେଅ ।**



ଏହାଶୁଣି ସେମାନେ ଦୁଇଟି ଜିନିଷ ଦେଲେ । ଗୋଟିଏ ଶଙ୍ଖ ଓ ଗୋଟିଏ ବାଡ଼ି । ଶଙ୍ଖକୁ ଟଙ୍କା ମାଗିଲେ ଟଙ୍କା ଦେବା ସହିତ ବାଡ଼ିଟି ଚୋରି କରିବା ଲୋକଙ୍କୁ ପିଟିବ । ସେ ପୁଣି ଯାଇ ସେହି ଧନୀ ଘରେ ପହଞ୍ଚିଲା । ସେମାନେ ଏଥର ଏହି ଦୁଇଟି ଜିନିଷ ନେବେ ବୋଲି ଯୋଜନା କଲେ । ରାତିରେ ଶଙ୍ଖ ଓ ବାଡ଼ି ଚୋରୀ କରିବା ପାଇଁ ଯିବାରୁ ବାଡ଼ି ତାଙ୍କୁ ପିଟିଲା । ସେମାନ ପୂର୍ବରୁ ନେଇଥିବା ଝୁଲାମୁଣି ସହ ଶଙ୍ଖ ଓ ବାଡ଼ି ବ୍ରାହ୍ମଣକୁ ଫେରାଇ ଦେଲେ । ବ୍ରାହ୍ମଣ ସେଗୁଡ଼ିକୁ ନେଇ ଘରକୁ ଗଲା ଓ ଧନୀ ହୋଇ ଖୁସିରେ ରହିଲା । ସେହି ଦିନ ଠାରୁ ସେ ଭିକ୍ଷାବୃତ୍ତି ଛାଡ଼ିଲା ।

# ଅଂସ ଆଉ ଗୁଆଁଗ୍ (ହଂସ ଓ କାଉ)

ନୁଦି କୁଲଆ ମୁଇଁଣ୍ଟ ମାଟା ବଲ ସୁମୁସିଂ । ସୁମୁସିଂଡେ ଅଲାଗ୍‌ସୁଗାଇ ଆସିଆନ୍‌ଏତେ ବଡେଆଁ ଜଜଏ ନମାନା । ଲାଙ୍କାତାସୁନ୍ ଜୟକିଲେ ମାଟା ଚାତା ଡେଗାନ୍ ମନେ ଇନମାନା । ବଲ ଅଲାଗ୍‌ଡେକି ପୁରା ବଅଲର । ବେଲଆ କିରଣର ଆରତେ ବେଦକିକିବ୍ ଆରିମ୍‌ଡେ ଜେନା । ଏରାଦିରେ ବଲ ସୁମୁସିଂ ତୁଲିରେ ପୁରା ଏମାଣ ଲାଗେରେ । ଲାଙ୍କା ଲାଙ୍କାତାସୁନ୍ ଲୁକକି ଡେନକିଜ ଏରେ ସୁମୁସିଞ୍ଜ୍ ତୁଲିତେ ଡକରେକି । ଏରେ ସୁମୁସିଂ ଡାଲତେ ମୁଇଁଣ୍ଟ ଗୁଆଁଗ୍ ଆଉ ମୁଇଁଣ୍ଟ ଅଂସ ଇକୁଡ଼ିଆ ଜଲାଇଆନ୍‌କିଆଜ ରଏନମାନ୍‌କିଆ । ଗୁଆଁଗା ରଙ୍ଗର ପୁରା ଆଟିକା ତାକୁରି କାଳିଆ । ଅଂସଆ ରଙ୍ଗର ଦୁଦତା କୁରି ଆଣ୍ଡାରାର । ଗୁଆଁଗ୍ ଅସକରା ଗିନିଷ ଜିମ୍‌କେ । ବିରି ବିରିକ ତିଅ କବ୍‌କେ । ଏଲେ ଅଂସ ଡାକ୍‌ତା ଡିଅଜିନିଷ ଆଚ୍‌ଡାଗାନ୍‌ଜ ଜିମ୍‌କେ । ବାଗି ଗିନିଷତେ ଟିଅକ୍‌କେ ।



ନଦୀ କୂଳରେ ଗୋଟିଏ ପ୍ରକାଣ୍ଡ ବରଗଛ । ଗଛଟି ପତ୍ର ଗହଳିରେ ଭାରି ସୁନ୍ଦର ଦିଶୁଥିଲା । ଦୂରରୁ ଦେଖିଲେ ଗୋଟିଏ ପ୍ରକାଣ୍ଡ ଛତା ପରି ମନେ ହେଉଥିଲା । ବରପତ୍ର ଭାରି ବହଳ । ସୂର୍ଯ୍ୟ କିରଣ ତାକୁ ଭେଦକରି ପାରେନାହିଁ । ତେଣୁ ବରଗଛ ତଳ ଭାରି ଶୀତଳ ଲାଗେ । ଦୂର ଦୂରାନ୍ତରୁ ବାଟୋଇମାନେ ଆସି ସେହି ଗଛ ତଳେ ବିଶ୍ରାମ ନିଅନ୍ତି । ସେହି ଝଙ୍କାଳିଆ ବରଗଛ ଡାଳରେ ଗୋଟିଏ କୁଆ ଓ ଆଉ ଗୋଟିଏ ହଂସ ଏକାଠି ସାଙ୍ଗ ହୋଇ ବାସ କରୁଥିଲେ । କୁଆଟିର ରଙ୍ଗ ରନ୍ଧା ହାଣ୍ଡିଠାରୁ କଳା । ହଂସଟିର ରଙ୍ଗ ଦୁଧଠାରୁ ଧଳା । କୁଆ ଅସନା ଜିନିଷରେ ବସେ । ପୋକ ଜୋକ ଖାଏ, ମାତ୍ର ହଂସ ପାଣିରୁ ଭଲ ଜିନିଷ ଛାଣି ଖାଏ । ଖରାପ ଜିନିଷକୁ ଛାଡ଼ି ଦିଏ ।

ବାନଲଂଆଁ ରଙ୍ଗ ଯିମିତି ଅଲଗା, ବି ଅଲଗା । ଗୁଣ ବି ବାନଲଂଆଁ ଅଲଗା ଅଲଗା ଅଂସଆ ସବୁଡିଅ ଗୁଣ ବଲତେ ଗୁଆଁଗା ସବୁ ବାକି ଗୁଣ ଆସିଆନା । ଦିନମିଞ୍ଜାଁ ଗାତା କାରା ଟାଏ ଗାମ୍‌ସେକେ ଏରେବେଲା ମିନଗ୍ ଲୁକ ଡେନଜ ଏରେ ସୁମୁସିଂ ତୁଳିତେ ଜିରାଏଆନା । ଇଜିଙ୍ଗ୍ ଇତିର ତଲେଆନ୍‌ଜ ଲେବେର । ସୁମୁସିଂ ତୁଳିରେ ବଡ଼ିଆଁ ଏମାଣ ଆସିଆନା । ଶିକାରୀ ମୁଇଁଣ୍ଟ ଲୁକରେ ଗଟାଙ୍ଗ୍ ଡାଇଙ୍ଗ୍‌ସେର, ଆଏତୟେ ସେରାନ, ଏରେ ପୁରା ଡିଅ ଇଆନା । ଆର ପୁରା ଆରାମରେ ଲେବରଜ ଉଂଡିର । ଅଂସ ଏରେ ବେଲା ସୁମୁସିଂ ଆଲିଙ୍ଗ୍‌ତେ ଡକସେରାନା । ଲକାବ ଲଂଅ, ଶିକାରୀରେ ଲକାରା ଲେବେର୍‌ସେକେ । ସୁମୁସିଂ ଡ଼ାଲତା କାରା ଅନଜ ଶିକାରିଆ ମୁଆଁରା ଅଲଗ୍‌ସେରେ । ଅଂସଆ ମନର ସୁଗାଇ ଡିଅ ।



ଦୁହିଁଙ୍କର ରଙ୍ଗ ଯେମିତି ଅଲଗା, ଖିଆପିଆ ମଧ୍ୟ ଅଲଗା, ଗୁଣରେ ମଧ୍ୟ ଦୁଇ ଚଢେଇ ଅଲଗା । ହଂସ ଭଲ ଗୁଣର ଅଧିକାରୀ । କିନ୍ତୁ କୁଆ ଭିତରେ ସବୁଯାକ ଦୁର୍ଗୁଣ । ଦିନକର କଥା । ଉଦୁଉଦିଆ ଦି ପ୍ରହରବେଳେ ବାଟୋଇଟିଏ ଆସି ସେହି ବରଗଛ ତଳେ ଆଶ୍ରୟ ନେଲା । ଗୋଡ଼ ହାତ ଲମ୍ବାଇ ଶୋଇପଡ଼ିଲା । ଗଛ ତଳଟି ବେଶ୍ ଥଣ୍ଡା ଥିଲା । ବାଟୋଇ / ଶିକାରୀଟିର ପଥଚଲା କଷ୍ଟ କୁଆଡେ ଚାଲିଗଲା । ସେ ଆରାମରେ ଶୋଇକରି ଘୁଙ୍ଗୁଡ଼ି ମାରିଲା । ହଂସ ସେତେବେଳେ ବରଗଛରେ ବସିଥିଲା । ତଳକୁ ଚାହିଁଲା, ଶିକାରୀ ଭୂଇଁ ତଳେ ଶୋଇଛି । ଗଛଡାଳର ଫାଙ୍କାରୁ ଖରା ଆସି ତା ମୁହଁରେ ପଡ଼ିଛି । ହଂସର ସ୍ୱଭାବ ବହୁତ ଭଲ ।

**ପରଆ ଉପକାର କିକିବ୍‌ତେ ଆରତେ ଡିଅ ଲାଗେରେ । ଶିକାରିଆ ମୁଅଁରାତେ କାର ଅଲଗ୍‌ସେରାନ୍ ଜୟଜ ଆରା ମନରାତେ ଦୟା ଇଆନା । ଆର ସୁମୁସିଂ ତୁଲିବ ଡେନଜ ଅମ୍ୱାଟଲଙ୍ଗ ଡେଣାରତେ ମେଲା କିବଜୁ କାରା ଡେଙ୍ଗନମାନା ପାଙ୍କାରେ ବନ୍ଦ ଇଆନା । ଆର ନିଜେ କଷଟ କିବଜ ଶିକାରୀତେ ଆରାମ ଡିଞ୍ଚ୍ଅଁ । ଅଂସଆ ଗୁଣର ଯେତିକି ଡିଅର ଗୁଆଁଗା ଗୁଣର ସେତିକି ବାଗିର ଆସିଆନା । ଅଂସଆ କମରତେ ଆରତେ ଡିଅ ଆଲାଗେଆନା । ଆରା ମନରାତେ ମୁଇଁଣ୍ଟ ଚାଣ୍ଡାଳ ବୁଦ୍ଧି ଡୁଇରାନ ମାନେ କେଚଲ ବୁଦ୍ଧି ଡୁଇରାନା ।**



ପରର ଉପକାର କରିବାକୁ ତାକୁ ସୁଖ ଲାଗେ । ଶିକାରୀ ମୁହଁରେ ଖରା ପଡ଼ିଥିବାର ଦେଖି ତା ମନରେ ଦୟା ହେଲା । ସେ ଗଛ ତଳକୁ ଆସି ଦୁଇ ଡେଣାକୁ ଏପରି ମେଲାଇ ଦେଲା ଯେ ଖରା ଆସୁଥିବା ଫାଙ୍କଟି ଘୋଡ଼ାଇ ହୋଇ ପଡ଼ିଲା । ନିଜେ ଖରା କଷ୍ଟ ସହି ବାଟୋଇଟିକୁ ଆରାମ ଦେଲା । ହଂସର ସ୍ୱଭାବ ଯେତିକି ଭଲ, କୁଆର ସ୍ୱଭାବ ସେତିକି ଖରାପ । ହଂସର କାର୍ଯ୍ୟ ତାକୁ ଭଲ ଲାଗିଲା ନାହିଁ । କୁଆର ମନରେ ଗୋଟାଏ ଦୁଷ୍ଟ ବୁଦ୍ଧି ଖେଳିଗଲା ।

ଆର ବିରି କିବ ନା ଡ଼ାଳ ଆଲିଙ୍ଗ୍ତା । ଆସିଆନଜ୍ ଟିକି ଶିକାରିଆ ତମର୍ତା କବାଲିଅ । ଶିକାରି ବେଲତେ ଗୁଆଗ୍ଡେ ଉଡ଼ିସୁନ୍ ଡୁଙ୍ଗ୍ସେରତେ । ଶିକାରି ବୁଲୁରାନ୍ ଯିମିତି ପୁରା ଚଲେଆନା । ବେଲାମିଞ୍ଜ୍ ଲଂଅଁ, ଜୟଜୁ ଅଂସ କଲେର ଡକସେରେ । ଅଂସତେ ଲଞ୍ଚରାଅଜ ତୁଂଞ୍ଜ୍ଅଁ । ସୁତୁକୁରିଞ୍ଜ୍ ଗାତାରେ ଆର ଜାଣି ଆରିମାନା । ଦୁଷ କିବ ଗୁଆଁଗ୍ ପଳ କୁଇଆନା ଅଂସ । ଗୁଆଁଗ୍ ସାଙ୍ଗେର ଜଳା ଆଇସେରାନ୍ଲେ ଅଂସଆ ନୁଇଁଣ୍ଡ ଆଇସେତାନ୍ ଜେନା । ଅଂସ ଟକାରେ ଡଣ୍ଡ କୁଇଆନା ।

ବାଗି ଲୁକକା ତୁଲଂ ନିକାବନ୍ଜବାସ ନିଷ୍ଟେ ଗମଟେ ସରବନାଶ ।



ସେ କ'ଣ କଲାନା ଡାଳ ଉପରେ ଥାଇ ଠିକ୍ ଶିକାରୀର ମୁହଁ ଉପରେ ହଗିଦେଲା । ଶିକାରୀଟିର ନିଦଭାଙ୍ଗିଗଲା ବେଳକୁ କୁଆଟି ପଳାଇ ଥିଲା । ସେ ଖୁବ୍ ଜୋର ରାଗିଗଲା । ଚାରିଆଡ଼କୁ ଚାହିଁ ଦେଖିଲା ବେଳକୁ ହଂସଟିଏ ଡେଣା ମେଲାଇ ବସିଛି । ପ୍ରକୃତ ଘଟଣା ସେ ଜାଣି ପାରିଲା ନାହିଁ । ଶିକାରୀ ଭାବିଲା ହଂସଟି ନିଶ୍ଚୟ ତା ପାଟିରେ ମଳତ୍ୟାଗ କରିଛି । ହଂସକୁ ଶାସ୍ତି ଦେବ ବୋଲି ନିଜ ପାଖରେ ଥିବା ଧନୁଶରକୁ ଧରିଲା । ହଂସକୁ ଲକ୍ଷ୍ୟ କରି ତୀର ମାରିଲା । ସାଙ୍ଗେ ସାଙ୍ଗେ ହଂସଟି ମରି ତଳେ ପଡ଼ିଗଲା । ଦୋଷ କଲା କୁଆ, ଦଣ୍ଡ ପାଇଲା ହଂସ । କୁଆ ସାଙ୍ଗରେ ସାଙ୍ଗ ହୋଇ ନଥିଲେ ହଂସର ଏ ଅବସ୍ଥା ହୋଇ ନ ଥାନ୍ତା । ହଂସଟି କୁସଙ୍ଗର ପରିଣାମ ଭୋଗ କଲା ।

ଦୁର୍ଜନ ସାଙ୍ଗେ କଲେବାସ, ନିଶ୍ଚେ ଘଟିବ ସର୍ବନାସ ।

# ଲୁବଆ ପଳର (ଲୋଭର ପରିଣାମ)

ଏକୁଇଶି ରାଜମିଂଜା । ନିଜାରି ବଣତେ ମୁଇଁଣ୍ଟ ବୁଢ଼ା କିଳଗ୍ ରଏନମାନା । ଆର ବୁଡା ଇଆନ୍ ଏତେ ଆରିଦି କିକିବ୍ ଆରିମାନା । ଜିନ୍ତୁକନ୍ତେରକିତେ ଦବଡାଏସୁନ୍ ସସବ୍ ଆରିମମାନା । ଏତେ ଆର ତିଲାଜ୍ ରଏନମାନା । ଆସ୍ତେ ଆସ୍ତେ ଆରା ଇଣିରା ପୁରା ବଳ କମେଆନା ଆଉ ମୁଇଁଣ୍ଟ ଜାଗାତେ ଡ଼କଆନ୍ଜ ରଏଆନା । ବିରିବାରାକ ପୁଶୁକିତେ ଜିଁଜିଁମ୍ତେ ଆର ଆଉ ଦବଡେ ଆରିମାନା । ଦିନମିଞ୍ କିଳଗ୍ଡେ ସୁନା କାଡୁ କୁଇଆନ୍ । ଡିଅର ସୁନା କୁଇଆନ୍ ସତ, ଏଲେ କିଳଗା ବିରି ଉପକାର ମିନା ? ସୁନାତେତ ଆର ଆଜିମ୍କେ ଜେନା କି ଆରତେ ଆସୁରେ ଜେନା । ବିଳଗ୍ ମନେ ମନେ ବାବେଅ । ନି ସୁନା କାଡୁବ ଆର ଶିକାର କିକିବ୍ ରିମିମା । ନିତେ ଆବ୍ଜୟଜ ମୁଇଁଣ୍ଟ ଲୁବି ଲୁକତେ ଆର ମାବ୍ବାଣାଏ । ଅଚତା ଆରତେ ଅବ୍ଗଜଜ ଆରା ଆଏଲା ଜିମିମେ ।



ବହୁତ ଦିନ ତଳର କଥା । ଘୋର ଜଙ୍ଗଲରେ ଗୋଟିଏ ବୁଢା ବାଘ ବାସ କରୁଥିଲା । ସେ ଏତେ ବୁଢା ହୋଇଯାଇଥିଲା ଯେ, ଆଉ ଶିକାର କରିପାରୁ ନଥିଲା । ପଶୁ ପକ୍ଷୀମାନଙ୍କୁ ଗୋଡାଇ ମାରି ପାରୁନଥିଲା । ତେଣୁ ଭୋକ ଉପାସରେ ଦିନ କାଟୁଥିଲା । କ୍ରମେ କ୍ରମେ ତାର ଦେହ ଦୁର୍ବଳ ହୋଇଗଲା ଓ ସେ ଗୋଟିଏ ଜାଗାରେ ବସି ରହିଲା । କୌଣସି ପଶୁକୁ ଖାଇବା ପାଇଁ ଆଉ ଗୋଡେଇ ପାରିଲା ନାହିଁ । ଦିନେ ବାଘଟି ଗୋଟିଏ କଙ୍କଣ ପାଇଲା । ସୁନ୍ଦର ମୂଲ୍ୟବାନ ଅଳଙ୍କାର ପାଇଲା ସତ, ମାତ୍ର ବାଘର କ'ଣ ଉପକାର ହେବ ? ସୁନାକୁ ତ ସେ ଖାଇବ ନାହିଁ କି ପିନ୍ଧିବ ନାହିଁ । ବାଘ ମନେ ମନେ ଭାବିଲା, ଏଇ ସୁନାର କଙ୍କଣ ଦ୍ୱାରା ସେ ନିଶ୍ଚୟ ଆହାର ପାଇବ । ଏହାକୁ ଦେଖାଇ ଗୋଟିଏ ଲୋଭୀ ଲୋକକୁ ଭୁଲାଇ ଆଣିବ । ପରେ ତାକୁ ମାରି ତାର ମାଂସ ଖାଇବି ।

**ତାକୁରି ସୁନା କାଡୁରେତେ ଗଗଜ ପଙ୍କଡାକ୍ ତୁଲିବ ଅନ । ଆର ପଙ୍କଡାଗ୍ କୁଲଆ କଲେର ତକଆନ୍ଜ ଏରେ ସୁନା କାଡୁରେ ସବସେର । ଡାକ୍ତେ ପଙ୍କ ଅରେ ଇସେରାନା । ଯୁଦି ଏରେ ପଙ୍କରାତେ କେଇ ଡୁମୁଇନା ଇଜିଙ୍ଗ୍ଡ ଆଡ ଆରାରିରେ ଜେନା, ଆର ଆଡ ମୁକଲେ ଆରିମ୍ଡେ ଜେନା । ଇଜିଙ୍ଗ୍ଡ ତୁଲି ତୁଲିବ ମନା । କିଲଗ୍ଡେ ନିଜର ନକଆତେ କାଡୁରେ ସବ୍ସେକେ । ମୁଇଣ୍ଟ ସାଦୁ ବାବାଜୀ ଡେଗାନ୍ କଲେର ଡକସେରେ । ଏରେ ପଙ୍କଡାଗ୍ ଆକତା ଅଙ୍ଗରନ୍ମାନ୍ ଲୁକକିତେ ଡାକେଅଜ ଗାମ୍କେ କାକାକି ଗନାପେ । ନି ସୁନାକାଡୁ ଆପେଆ ଉପକାରତେ ଲାମାଗେନା । ଆଞ୍ଚାଁ ନି ବିରି ମିନା ? ଲୁକକି କିଲଗ୍ତେ ଜୟକିଜ ବିକଳରେ ଦବଡେସୁନ୍ ଡୁଙ୍ଗ୍କିକି । କେଇ ଏକେଚାବ ଆଡେଣ୍ଡେକି ।**



ତା ପରେ ସୁନା କଙ୍କଣଟିକୁ ନେଇ ଗଡ଼ିଆ ପାଖକୁ ଗଲା । ଗଡ଼ିଆ କୂଳରେ ସେହି ଅଳଙ୍କାର ଧରି ଚୁପ୍ ଚାପ୍ ବସି ରହିଲା । ଗଡ଼ିଆଟି ପଙ୍କରେ ପୂର୍ଣ୍ଣ ହୋଇଥିଲା । ଯଦି ସେ ପଙ୍କରେ କାହାରି ଗୋଡ଼ ଗଳିଯାଏ, ଆଉ ସେ କଦାପି ମୁକୁଳି ପାରିବ ନାହିଁ । ଗୋଡ଼ ତଳକୁ ତଳକୁ ପୋତି ହୋଇଯିବ । ବାଘଟି ନିଜ ପନ୍ଝାରେ ସୁନାର କଙ୍କଣଟିକୁ ଧରିଥାଏ । ଅନ୍ୟ ପନ୍ଝାରେ କୁଶ ଧରିଥାଏ । ଗୋଟିଏ ସାଧୁ ସନ୍ନ୍ୟାସୀ ପରି ନୀରବରେ ବସିଥାଏ । ଗଡ଼ିଆ ପାଖରେ ସେ ଯାଉଥିବା ଲୋକମାନଙ୍କୁ ଡାକି କହେ ଭାଇମାନେ ନେଇଯାଅ । ଏଇ ସୁନାର କଙ୍କଣଟି ତୁମ ଉପକାରରେ ଆସିବ । ମୋର ଏଇଟା କ'ଣ ହେବ । ବାଟୋଇମାନେ ବାଘକୁ ଦେଖି ବିକଳରେ ଦୌଡ଼ି ପଳାନ୍ତି । କେହି ପାଖକୁ ଆସନ୍ତି ନାହିଁ ।

ପିଲାଙ୍କ କଥା

**ଅଚତା ଏରେ ଗଟାଙ୍ଗ୍‌ତେ ମୁଇଁଣ୍ଟ ତିମିଲାଜ୍ ବାମଣ ଅଙ୍ଗର୍‌ନମାନ୍ । କିଲଗ୍‌ଡେ ଆଇପାରିତା ଡକସେରେ । ବାମଣତେ ଜୟଜ ଲିଲିଆଜ ଡାକେଅ । ତିମିଲାଜ୍ ବାମଣ ନି ଜୟେ ଆମା ଦିରେ କେତେ ବଡ଼ିଆଁ ସୁନା କାଡୁ ଆଞ୍ଜ୍ ସବ୍‌ସେକେ । ନି ଆଞ୍ଜାଁ କିଚି ଦରକାର ଜେନା । ଆଞ୍ଜ୍‌ତ ବାବାଜୀ ଇଆନ୍‌ତେ । ଆମ୍ ନି କାଡୁରେ ଗନାଡ, ଆମା ଦରକାର ବଲତେ କାମ ଡିମିଞ୍ଜେଁ । ଏଲେ ବିଲଗ୍‌ତେ ବେତଂଆନ୍‌ଜ ଗାମ, ଆମ୍‌ତେ ଆଞ୍ଜ୍ ବିଶାସ କିକିବ୍ ଆମାରିମ୍‌ଡେ । ଆମ୍ ଜାତିରେ କିଲଗ୍ ମୁଣୁଷ ଆଏଲା ଡିଅ ମିବୁଜିକେ । ଆଞ୍ଜ୍ ଆମା ସାମୁମ୍‌ବ ଅନଲେ ଆଞ୍ଜ୍ ଆମା ବଞ୍ଚେକେ ଜେନା । ନି ଅଂଅଁଜ କିଲଗ୍ ଗାମ, ଏ ବଗବାନ । ଅକଲଙ୍ଗ୍ ଆଞ୍ଜ୍ ବୁଡା ଇଆନ୍‌ଜ ବଗବାନତେ ଡାକେକେ । ଡାକ୍‌ତେ ଚିଞ୍ଚଲେରେ ।**




ଶେଷରେ ସେହିବାଟ ଦେଇ ଗୋଟିଏ ଗରିବ ବ୍ରାହ୍ମଣ ଯାଉଥିଲା । ବାଘଟି ଗଡ଼ିଆର ଆର କୂଳରେ ବସିଥାଏ । ବ୍ରାହ୍ମଣକୁ ଦେଖି ପାଟି କରି ଡାକିଲା । ଗରିବ ବ୍ରାହ୍ମଣ ଅନାଇ ଦେଖିଲା, ସତକୁ ସତ ବାଘ ଗୋଟିଏ ସୁନ୍ଦର ସୁନାର କଙ୍କଣ ଧରିଛି । ଖରା ତେଜର୍ ଚିକ୍ ଚିକ୍ ମାରୁଛି । ମାତ୍ର ବାଘକୁ ଭୟକରି କହିଲା, ତୁମକୁ ମୁଁ ବିଶ୍ୱାସ କରିପାରୁ ନାହିଁ । ତୁମେ ଜାତିରେ ବାଘ । ମଣିଷ ମାଉଁସ ଖାଇବାକୁ ବହୁତ ଭଲପାଅ । ମୁଁ ତୁମ ପାଖକୁ ଗଲେ ବର୍ତ୍ତିବି ନାହିଁ, ମୋର ଜୀବନ ଯିବା ସାର ହେବ । ଏହା ଶୁଣି ବାଘ କହିଲା, ହେ ଭଗବାନ । ଏବେ ମୁଁ ବୁଢ଼ା ହୋଇ ଠାକୁରଙ୍କ ନାମ ଜପୁଛି । ପାଣିରେ ତର୍ପଣ କରୁଛି ।

**ଆଞ୍ଜ୍ ଶପତ କିବ୍‌ଡେ ଆଞ୍ଜ ଆଉ ପୁଶୁ କନ୍ତେର୍‌କିତେ ଶିକାର କିକିବ୍ ଜେନା ? ଆମ୍‌ତେ ବିତେ ଅବ୍‌ଗଞ୍ଜମ୍ । କେବଳ ନିରାମିଶ ଜିମ୍‌କେ । ଆଞ୍ଜେ୍‌ତେ ମେବେତଂଆନ୍‌ଡ, ନିଡ କାଡୁରେ ଗନା । କିଲଗ୍ ପୁଣି ଗାମ, ଆଞ୍ଜ୍ ଇତର ପୁରାଣ ଶାସ୍ତ୍ର ପଢ଼େକେ । ଆଞ୍ଜ୍ କଂକେ ନି ଜୀବନତେ ପରକିତେ କିଚି ମିଡିଞ୍ଜ୍‌ଲେ ବଗବାନ କୁସି ମିନା । ଆଞ୍ଜାଁ ଜୀବନଞ୍ଜ୍‌ଡେ ଦନ୍ୟ ମିନା । ପରଆ ଉପକାର କିବଲେ ଆଞ୍ଜ୍ ସରଗବ ଅନା । ନି ସୁବୁଏତେ ଆଞ୍ଜ୍ ଆମ୍‌ତେ କାଡୁରେ ଡିଡିଞ୍ଜ୍‌ତେ ଚାଏଁକେ । ତାଲେ ଆଞ୍ଜାଁ ପାପତା ହଶର ସୁଚି ଇନା ଆଉ ଆଞ୍ଜ୍ ସରଗବ ଅନା । ସଦାବେଲେ ସତ ଗାତା ନେଗାତାଏ ଏରେ ଦରମ ଗାତା । ନି ଗାତା ଆଞ୍ଜ୍ ପୁରାଣ ଶାସ୍ତ୍ର ପଡେଅଜ କଂସେକେ । ଆଞ୍ଜାଁ ଗାତାଞ୍ଜତେ ବିଶାସ କିବେଜ ନିବ ଉଆ ।**



ଦେଖ, ମୁଁ କୁଶ ଧରି ଭଗବାନଙ୍କ ନାମ ଜପୁଛି । ମୁଁ ଆଉ ପଶୁ ପକ୍ଷୀଙ୍କୁ ମାରୁନାହିଁ । ତୁମକୁ କାହିଁକି ମାରିବି ? ମୁଁ ବର୍ତ୍ତମାନ ଆମିଷ ଖାଉନାହିଁ । କେବଳ ନିରାମିଷ ଖାଦ୍ୟ ଖାଉଛି । ତୁମେ ନିର୍ଭୟରେ ମୋ ପାଖକୁ ଆସି ଏହି କଙ୍କଣଟିକୁ ନେଇଯାଅ । ବାଘ ପୁଣି କହିଲା, ମୁଁ ଏବେ ପୁରାଣ ଶାସ୍ତ୍ର ପଢୁଛି । ମୁଁ ଜାଣୁଚି ଏ ଜୀବନରେ ପରକୁ କିଛି ଦାନ କଲେ ଭଗବାନ ସନ୍ତୁଷ୍ଟ ହେବେ । ମୋ ଜୀବନ ଧନ୍ୟ ହେବ । ପର ଉପକାର କଲେ ମୁଁ ସ୍ୱର୍ଗକୁ ଯିବି । ଏହି ଉଦ୍ଦେଶ୍ୟରେ ମୁଁ ତୁମକୁ ଏହି କଙ୍କଣଟି ଦାନ କରିବାକୁ ଚାହେଁ । ତାହାହେଲେ ମୁଁ ମୋର ପାପର ପ୍ରାୟଶ୍ଚିତ କରିବି ଓ ସ୍ୱର୍ଗଧାମକୁ ଯିବି । ସର୍ବଦା ସତ୍ୟ କଥା କହିବା ପରମ ଧର୍ମ । ଏକଥା ମୁଁ ପୁରାଣ ଶାସ୍ତ୍ର ପଢି ଜାଣିଛି । ମୋ କଥାରେ ବିଶ୍ୱାସ କରି ଏଠାକୁ ଆସ ।

**ବାମଣରେ ଅନାରି ନାରି ବୁଲି ବାବେନମାନ୍ କାଲେ କିଲଗ୍ ଆରା ଆଲିଙ୍ଗ୍‌ବ ଡେମେଗେ ଏରେବି ବେତଂନମାନ୍ । କିଲଗ୍‌ଡେ ପୁଣିଞ୍ଜି ବେଜ୍‌ଗାମ, ବାମଣ ଆଞ୍ଜ୍‌ତେ ମେବେତଂଡେ ଆଞ୍ଜ୍‌ତେ ଜଏ । ଆଞ୍ଜ୍ ବୁଡା ଇଆନ୍‌ତେ । ଡାଜିଙ୍ଗ୍ ଆମା ରିମ୍‌ଡେ । ତଂଅଁନ୍ ଆମା ରିମ୍‌ଡେ । ଆଞ୍ଜା ଦାନ୍ତଞ୍ଜ୍‌ଡେକି ସାନରେଞ୍ଜ୍ ଅଲଗାନ୍‌ତେ । ଏକଲଙ୍ଗ୍ ଆଞ୍ଜାଁ ଗାତାଞ୍ଜ୍‌ତେ ବିଶାସ କିବେଜ ନିବ ଉଆ । ଆମ ମିନକ୍ ଡିଅ ଲୁକ । ନି ଡଡାରା ଡାକ୍ କୁଟିଜ୍ ଆସିକେ । ଆମ ଡାକ୍‌ତେ ଡୁଇନା ବିରି ନିତା ମେଡେନଜ ଆଞ୍ଜ୍ ଆମ୍‌ତେ ନି ସୁନା କାଡୁରେ ଡିଞ୍ଜୁଁମ୍ । ଅଚତା ତିମିଲାଜ୍ ବାମଣରେ କିଲଗା ଗାତାରତେ ବିଶାସ କିବ । ଆର ମନେ ମନେ ବାବେଅ କିଲକ୍‌ତ ତଙ୍ଗନ୍ ଆରିମ୍‌ଡେ । ବିତଂଆଁ ବିତେ ?**



ବାଘଟି ପୁଣି କହିଲା, ଗୋସାଇଁ ମତେ ଡର ନାହିଁ ମତେ ଦେଖ, ମୁଁ ବୁଢା ହୋଇଗଲାଣି । ଚାଲିପାରୁ ନାହିଁ । ଉଠିପାରୁ ନାହିଁ । ମୋ ଦାନ୍ତ ସବୁ ପଡ଼ିଗଲାଣି । ମୋର ପନ୍‌ଝା ଦୁର୍ବଳ ହୋଇଗଲାଣି । ମୁଁ ତୁମର କିଛି କରି ପାରିବି ନାହିଁ । ଏଥର ମୋ କଥାକୁ ବିଶ୍ୱାସ କରି ଏଠାକୁ ଆସ । ତୁମେ ଜଣେ ଉତ୍ତମ ଲୋକ ଅଟ । ଏହି ଗଡ଼ିଆରେ ପାଣି କମ୍ । ତୁମେ ପାଣି ଭିତରେ ପଶି ଏ କୂଳକୁ ଚାଲି ଆସିଲେ ମୁଁ ତୁମକୁ ଏହି ସୁନାର କଙ୍କଣଟିକୁ ଦାନ କରିବି । ଶେଷରେ ଗରିବ ବ୍ରାହ୍ମଣଟି ବାଘ କଥାରେ ବିଶ୍ୱାସ କଲା । ସେ ମନେ ମନେ ଭାବିଲା ବାଘ ତ ଉଠିପାରୁ ନାହିଁ । ଭୟ କଣ ?

କିଲଗ୍‌ଡେ ଜିମିତେ ଏଲେ ଆଞ୍ଜ୍‌ତେ ଏରେ କାଡୁରେ ଡିମିଞ୍ଜେଁ । କାଡୁରେ କୁୟାନ୍‌ଜ ଆଞ୍ଜ୍ ଦନୀ ଇନା । ଆଉ ଆଞ୍ଜାଁ । କିଚି ଅସୁବିଦା ଆଇରେ ଜେନା । ନି ବାବେଅଜ ଡାକ୍ ଆସିକେ ଡଡାବ ଡୁଇରାନ୍ । ଆରା ଇଜିଙ୍ଗ୍‌ଡ ଡୁଇରାନ୍ । ଆର ଅଚେତ୍ ଇଆନ୍‌ଜ କେବଲ ବଗବାନତେ ଡାକେଅ । କିଲଗ୍ ଜାଣିକଂଅଁ ବାମଣରେ ଆଉ ଡୁଡୁଙ୍ଗ୍ ଆରିମ୍‌ଡେ ଜେନା । ଆରତେ ଲକ୍ୟ କିବଜ ଗାମ ବାମଣ କୁଟିଜ୍ ଆସି । ଆଞ୍ଜ୍ ଆମ୍‌ତେ ଅନଜ ପଙ୍କଡାକ୍‌ତା ବଞ୍ଚାଏନମ୍ । କିଚି ଚିନ୍ତା ମିକିବର । ନୁଇଁଣ୍ଡ ଗାମଜ ଲୁବି ବାମଣଆବ କଡେଗେୟ । ଆରା ତୁଟିରତେ ଦାନ୍ତବ କାଣା କୁକିବ । ଆର କଗଜ, ଅଚତା ଆରତେ ଡିଗାର୍‌ସୁନ୍ । ବାଏବ ଅରେନ । ଏରେଦିନରା କିଲଗ୍ ପେଟପୁରା ମୁଣୁଷ ଆଏଲା ଜିମ ।

ଲୁବ ଇକିବର ନାଲେ ମରଣ ଯିମିତି ଏଲେବି ।



ବାଘଟି ନିଶ୍ଚୟ ମତେ ସେଇ କଙ୍କଣଟିକୁ ଦେବ । କଙ୍କଣଟି ପାଇଲେ ମୁଁ ଧନୀ ହୋଇଯିବି । ଆଉ କୌଣସି ଅସୁବିଧା ମୋର ରହିବ ନାହିଁ । ଏହା ଭାବି ସେ ଗଡ଼ିଆ ଭିତରେ ପଶିଲା । ସେ ମଝି ଗଡ଼ିଆରେ ଆଉ ଚାଲି ପାରିଲାନାହିଁ । ପଙ୍କରେ ତାର ଗୋଡ଼ ପଶିଗଲା । ସେ ହତାଶ ହୋଇ କେବଳ ଭଗବାନଙ୍କୁ ମନେ ମନେ ଡାକିଲା । ବାଘଟି ଜାଣିପାରିଲା ଯେ ବାଟୋଇ ବ୍ରାହ୍ମଣଟି ଆଉ ଯାଇ ପାରିବନାହିଁ । ସେ ତାକୁ ଲକ୍ଷ୍ୟ କରି କହିଲା ଗୋସେଇଁ ଟିକେ ଅପେକ୍ଷାକର । ମୁଁ ତୁମକୁ ଯାଇ ପଙ୍କରୁ ଉଦ୍ଧାର କରିବି । କିଛି ଚିନ୍ତା କରନାହିଁ । ଏହା କହି ବାଘଟି ଲୋଭୀ ବ୍ରାହ୍ମଣ ଉପରକୁ କୁଦି ପଡ଼ିଲା । ତା ତଣ୍ଟିକୁ ଦାନ୍ତରେ କଣା କରିଦେଲା । ସେ ମରିଗଲା ପରେ, ତାକୁ ଘୋଷାରି କୂଳକୁ ନେଇ ଆସିଲା । ସେଦିନ ବାଘ ପେଟପୁରାଇ ମଣିଷ ମାଉଁସ ଖାଇଲା ।

ଲୋଭ କରିବା ମହାପାପ, ଲୋଭ କଲେ ମୃତ୍ୟୁ ସୁନିଶ୍ଚିତ ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର